## କେନ୍ଦୁଝର ଜିଲ୍ଲାରେ ଖରିଫ ଧାନ କିଣା ଶେଷ ପର୍ଯ୍ୟାୟରେ

# ୭୨୪୫୪ ଚାଷୀଙ୍କ ୨୫୧୫୧୧୬.୩୮ କ୍ୱିଣ୍ଟାଲ ଧାନ ଉଠିଛି

କେନ୍ଦୁଝର, ୨୭।୩ (ସମିସ): କେନ୍ଦୁଝର ଜିଲ୍ଲାରେ ଚାଷୀଙ୍କଠାରୁ ମଣ୍ଡି ମାଧମରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କିଣା ଅବଧି ପ୍ରାୟ ଶେଷ ହେବାକୁ ଯାଉଛି। ଯଦି ଚାଷୀଙ୍କର ସମସ୍ୟାକୁ ହୃଦୟଙ୍ଗମ କରି ସରକାର ଧାନ କିଣା ଅବଧି ବୃଦ୍ଧି କରନ୍ତି ତେବେ କଥା ଅଲଗା ମାତ୍ର ସେଭଳି ସମ୍ଭାବନା କମ ଥିବାବେଳେ ଇତିମଧ୍ୟରେ ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୯୫ଟି ମଣ୍ଡିରେ ୭୨୪୫୪ ଜଣ ଚାଷୀଙ୍କର ୨୫୧୫୧୧୬. ୩୮ କ୍ୟୁଣ୍ଟାଲ ଧାନ କିଣା ସାରିଥିବା ସୂଚନା ମିଳିଛି।

ବିଭାଗୀୟ ସୂଚନା ମୁତାବକ, ଆକୁଳ ଭୀମକାଣ୍ଡ ପିପିସିରେ ୨୭୧ ଚାଷୀଙ୍କ ଠାରୁ ୮୯୩୫. ୭୨ କ୍ୟୁଣ୍ଟାଲ, ଆଳତୀ ଏସସିଏସରେ ୬୮୬ ଚାଷୀଙ୍କର ୨୧୪୬୪. ୯୮ କ୍ୟୁଣ୍ଟାଲ, ଆମ୍ରୋ ଏସସିଏସରେ ୪୦୦ ଚାଷୀଙ୍କର ୧୩୦୩୦ କ୍ୟୁଣ୍ଟାଲ, ଆନନ୍ଦପୁରର ପଦ୍ମପୁର ପିପିସିରେ ୧୮୧ ଚାଷୀଙ୍କର ୩୨୫୩. ୪୨ କ୍ୟୁଣ୍ଟାଲ, ଆନନ୍ଦପୁର ଏସସି ଏସରେ ୬୧ ଚାଷୀଙ୍କର ୧୧୮୬. ୧୧ କ୍ୟୁଣ୍ଟାଲ, ଆଶନପାଟ ଲ୍ୟାମ୍ପରେ ୬୨୪ ଚାଷୀଙ୍କର ୨୦୯୭୬. ୧୫ କ୍ୟୁଣ୍ଟାଲ ଧାନ କିଣା ସାରିଛି। ସେହିଭଳି ବାବା ରମେଶ୍ୱର ପିପିସିରେ ୧୩୮୪ ଚାଷୀଙ୍କର ୪୪୮୭୮. ୩୨ କ୍ୟୁଣ୍ଟାଲ, ବଡ ପାଳାଶପାଳ ଲ୍ୟାମ୍ପରେ ୭୧୦ ଚାଷୀଙ୍କର ୨୮୪୨୧. ୬୪ କ୍ୟୁଣ୍ଟାଲ, ବଡ଼ରମ୍ପାସରେ ୧୧୧୬ ଚାଷୀଙ୍କର ୫୪୩୦୬. ୮୯ କ୍ୟୁଣ୍ଟାଲ, ବଳରାମପୁର ସର୍ଭିସରେ ୯୭୮ ଚାଷୀଙ୍କର ୩୨୫୯୬. ୬୪ କ୍ୟୁଣ୍ଟାଲ, ବାଲିବନ୍ଧ ଲ୍ୟାମ୍ପରେ ୭୩୧ ଚାଷୀଙ୍କଠାରୁ ୨୪୯୮୦. ୪୫ କ୍ୟୁଣ୍ଟାଲ ଧାନ କିଣା ସାରିଛି। ବଙ୍ଗୋରରେ ୯୮୩ ଚାଷୀଙ୍କର ୨୭୮୫୨. ୬୫ କ୍ୟୁଣ୍ଟାଲ, ବାତୋ ଏସସି ଏସରେ ୫୮୧ ଚାଷୀଙ୍କର ୧୪୪୩୮. ୯୩ କ୍ୱଇଣ୍ଟାଲ, ବାଉଁଶଗଡ଼ ଏସସିଏସରେ ୭୫୮ ଚାଷୀଙ୍କର ୧୯୦୬୯. ୦୪ କ୍ୟୁଣ୍ଟାଲ, ବାଉଁଶୁଳି ଲ୍ୟାମ୍ପରେ ୫୧୭ ଚାଷୀଙ୍କର ୧୭୦୭୧. ୮୪ କ୍ୟୁଣ୍ଟାଲ, ବେଲବାହାଳିରେ ୭୪୧ ଚାଷୀଙ୍କର ୧୩୫୨୭. ୨୮ କ୍ୟୁଣ୍ଟାଲ, ଭଣ୍ଡା ଲ୍ୟାମ୍ପରେ ୭୭୪ ଚାଷୀଙ୍କଠାରୁ ୨୮୪୪୫. ୨୧ କ୍ୟୁଣ୍ଟାଲ, ଭଣ୍ଡାରିଦିହା ଏସସିଏସରେ ୬୮୭ ଚାଷୀଙ୍କର ୨୮୩୬୬. ୭୧ କ୍ୟୁଣ୍ଟାଲ ଧାନ କିଣା ସାରିଲାଣି। ଅନ୍ୟପକ୍ଷରେ ଭୂଇଁପୁର ଲ୍ୟାମ୍ପରେ ୬୮୨ ଚାଷୀଙ୍କର ୨୪୪୫୮. ୬୭ କ୍ୟୁଣ୍ଟାଲ, ବକ୍ସି ବାରିଗାଁରେ ୭୧୨ ଚାଷୀଙ୍କର ୨୨୭୯୭. ୭୬ କ୍ୟୁଣ୍ଟାଲ, କଣ୍ଡରାରେ ୧୦୦ ଚାଷୀଙ୍କର ୩୮୧୫. ୬୩ କ୍ୟୁଣ୍ଟାଲ ଧାନ କିଣାଯାଇଛି। କରଞ୍ଜିଆରେ ୬୬୧ ଚାଷୀଙ୍କର ୨୬୧୪୩.୫୬ କ୍ୱିଣ୍ଟାଲ, ଚମ୍ପୁଆରେ ୪୪୩ ଚାଷୀଙ୍କର ୧୪୨୨୮.୧୯ କ୍ୱିଣ୍ଟାଲ, ଚଉଠିଆ ଲ୍ୟାମ୍ପ୍ସରେ ୬୨୩ ଚାଷୀଙ୍କର ୨୧୫୯୬.୬୪ କ୍ୱିଣ୍ଟା,ଚେମେଣା ଲ୍ୟାମ୍ପ୍ସରେ ୮୯୩ ଚାଷୀଙ୍କର ୨୬୬୨୯.୮୫ କ୍ୱିଣ୍ଟାଲ, ଛାମୁଣ୍ଡା ଲ୍ୟାମ୍ପ୍ସରେ ୮୬୩ ଚାଷୀଙ୍କର ୨୭୬୮୫.୧୩ କ୍ୱିଣ୍ଟାଲ, ଶାଳଣିଆଁରେ ୧୧୧୬ ଚାଷୀଙ୍କର ୪୩୩୩୨.୪୪ କ୍ୱିଣ୍ଟାଲ,ଡଉଁରରେ

### ● ଏବେବି ଅନେକ ଚାଷୀ ମଣ୍ଡିର ଧାନ ବିକିବା ଆଶାରେ

୧୫୫୬ ଚାଷୀଙ୍କର ୬୯୯୮୧.୮ କ୍ୱିଣ୍ଟାଲ, ଦରଡିପାଳରେ ଏସ୍ସିଏସ୍‌ରେ ୧୦୯୪ ଚାଷୀଙ୍କର ୪୫୨୪୬.୯୮ କ୍ୱିଣ୍ଟାଲ,ଦେଓଗାଁ ଏସ୍ସିଏସ୍‌ରେ ୫୪୬ ଚାଷୀଙ୍କର ୨୧୭୧୬.୮୭ କ୍ୱିଣ୍ଟାଲ,କରଦାଙ୍ଗି ଦେଉଳଡିହାରେ ୩୯୩ ଚାଷୀଙ୍କର ୧୪୧୬୯.୦୪ କ୍ୱିଣ୍ଟାଲ, କୋଳିମାଟିରେ ୨୬୧ ଚାଷୀଙ୍କର ୬୦୦୦.୧୪ କ୍ୱିଣ୍ଟାଲ, ଧକୋଠା ଏସ୍ସିଏସ୍‌ରେ ୪୮୪ ଚାଷୀଙ୍କର ୧୬୨୦୮.୫୮ କ୍ୱିଣ୍ଟାଲ,ଢେଙ୍କା ଏସ୍ସିଏସ୍‌ରେ ୭୦୨ ଚାଷୀଙ୍କର ୨୯୭୫୮.୬୭ କ୍ୱିଣ୍ଟାଲ, ଢ଼େଙ୍କିକୋଟରେ ୧୧୬୦ ଚାଷୀଙ୍କର ୩୬୫୫୫.୯ କ୍ୱିଣ୍ଟାଲ, ଏରେଣ୍ଡେଇ ଲ୍ୟାମ୍ପ୍ସରେ ୧୨୬୯ ଚାଷୀଙ୍କର ୪୨୨୧୩.୨୫ କ୍ୱିଣ୍ଟାଲ ଏବଂ ଫକିରପୁରରେ ୨୫୮ ଚାଷୀଙ୍କର ୪୩୫୮.୩୫ କ୍ୱିଣ୍ଟାଲ ଧାନ କିଣା ସରି ସାରିଛି।

ଏତଭିନ୍ନ ଗଡବାନ୍ଧଗୋଡାରେ ୧୦୮୨ ଚାଷୀଙ୍କର ୩୬୮୨୪.୨୯ କ୍ୱିଣ୍ଟାଲ, ଗୟଳମୁଣ୍ଡାରେ ୪୧୩ ଚାଷୀଙ୍କର ୧୪୬୩୧.୬୪ କ୍ୱିଣ୍ଟାଲ, ଘଟଗାଁ ଲ୍ୟାମ୍ପ୍ସରେ ୧୦୨୬ ଚାଷୀଙ୍କର ୩୯୩୮୦.୧ କ୍ୱିଣ୍ଟାଲ,ଗୋନାସିକା ଲ୍ୟାମ୍ପ୍ସରେ ୧୭୩ ଚାଷୀଙ୍କର ୪୫୨୧.୬୩ କ୍ୱିଣ୍ଟାଲ, ଭଗାମୁଣ୍ଡାରେ ୬୪୩ ଚାଷୀଙ୍କର ୧୬୮୮୦.୨୫ କ୍ୱିଣ୍ଟାଲ, ହରିଚନ୍ଦନପୁରରେ ୧୩୮୨ ଚାଷୀଙ୍କର ୫୦୨୩୩.୨୮ କ୍ୱିଣ୍ଟାଲ,ଜାମୁଦଲକ ଲ୍ୟାମ୍ପ୍ସରେ ୫୩୧ ଚାଷୀଙ୍କର ୧୯୧୧୫.୮୯ କ୍ୱିଣ୍ଟାଲ, ଜାମୁପଶି ଲ୍ୟାମ୍ପ୍ସରେ ୪୯୨ ଚାଷୀଙ୍କର ୧୮୬୩୮.୫୬ କ୍ୱିଣ୍ଟାଲ, ଜଙ୍ଘିରା ଲ୍ୟାମ୍ପ୍ସରେ ୮୦୨ ଚାଷୀଙ୍କର ୨୦୮୫୭.୩୪ କ୍ୱିଣ୍ଟାଲ,ଝୁମ୍ପୁରା ଲ୍ୟାମ୍ପସରେ ୧୩୪୫ ଚାଷୀଙ୍କର ୪୩୬୨୯.୯୪ କ୍ୱିଣ୍ଟାଲ,ଜ୍ୟୋତିପୁର ଲ୍ୟାମ୍ପସ ରେ ୩୯୬ ଚାଷୀଙ୍କର ୧୧୯୮୪.୬୬ କ୍ୱିଣ୍ଟାଲ, ଫୁଲକଅଁଳେଇରେ ୪୭୫ ଚାଷୀଙ୍କର ୧୫୧୮୦.୯୨ କ୍ୱିଣ୍ଟାଲ,କାଳିଆହତା ଲ୍ୟାମ୍ପସରେ ୩୮୧ ଚାଷୀଙ୍କର ୧୨୫୫୪.୪୧ କ୍ୱିଣ୍ଟାଲ, କେନ୍ଦେଇପଶି ଲ୍ୟାମ୍ପସରେ ୮୧୨ ଚାଷୀଙ୍କର ୨୪୬୮୨.୦୭ କ୍ୱିଣ୍ଟାଲ, କେଶଦୁରାପାଳରେ ୭୯୧ ଚାଷୀଙ୍କର ୩୮୧୩୦.୯ କ୍ୱିଣ୍ଟାଲ,ଖଜିରାପାଟରେ ୮୮୨ ଚାଷୀଙ୍କର ୨୫୧୨୭.୯୭ କ୍ୱିଣ୍ଟାଲ, ଖଲଣାରେ ୧୭୮୦ ଚାଷୀଙ୍କର ୫୫୮୨୭.୩ କ୍ୱିଣ୍ଟାଲ, ଖାଲିଆମେଣ୍ଟାରେ ୮୯୬ ଚାଷୀଙ୍କର ୨୮୧୫୩.୭୨ କ୍ୱିଣ୍ଟାଲ, କୋଡପଡାରେ ୫୧୯ ଚାଷୀଙ୍କର ୧୫୮୧୯.୮୩ କ୍ୟୁଣ୍ଟାଲ, କୁମୁଣ୍ଡିରେ ୩୫୮ ଚାଷୀଙ୍କର ୧୦୮୬୮.୬୯ କ୍ୟୁଣ୍ଟାଲ, ମୈରେଗାଁରେ ୧୭୯୫ ଚାଷୀଙ୍କର ୮୦୬୨୩.୯୧ କ୍ୱିଣ୍ଟାଲ ଧାନ କିଣା ସରିଥିବା ଜଣାପଡିଛି। ସେହିପରି ନୟାକୋଟ ଲ୍ୟାମ୍ପସରେ ୩୨୩ ଚାଷୀଙ୍କର ୮୩୭୬.୫୬ କ୍ୟୁଣ୍ଟାଲ, ଓରାଳିରେ ୫୪୦ ଚାଷୀଙ୍କର ୨୭୪୬୫.୩୭ କ୍ୱିଣ୍ଟାଲ,ପଦ୍ମପୁରରେ ୧୫୩୨ ଚାଷୀଙ୍କର ୫୩୬୬୮.୫୩ କ୍ୱିଣ୍ଟାଲ,ପଳାଶପଙ୍ଗା ଲ୍ୟାମ୍ପସରେ ୨୩୧୬ ଚାଷୀଙ୍କର ୮୫୦୮୦.୫୪ କ୍ୟୁଣ୍ଟାଲ, ଫତୁଗୋଛିଆରେ ୮୮୭ ଚାଷୀଙ୍କର ୨୮୬୩୫.୩ କିଣ୍ଟାଲ, ପଣ୍ଡାପଡାରେ ୧୦୨୨ ଚାଷୀଙ୍କର ୩୪୧୨୧.୮ କ୍ୱିଣ୍ଟାଲ,ପଣସଡିହାରେ ୪୩୨ ଚାଷୀଙ୍କର ୧୩୬୦୭.୪୯ କ୍ୱିଣ୍ଟାଲ, ପାଟଣାରେ ୧୧୫୨ ଚାଷୀଙ୍କର ୩୯୭୫୧.୩୨ କ୍ୱିଣ୍ଟାଲ, ପିପିଳିଆରେ ୧୦୭୬ ଚାଷୀଙ୍କର ୪୪୧୯୩.୭୮ କ୍ୱିଣ୍ଟାଲ,ପିଠାଗୋଳା ଲ୍ୟାମ୍ପସରେ ୮୪୯ ଚାଷୀଙ୍କର ୨୯୫୭୩.୪୨ କ୍ୱିଣ୍ଟାଲ, ରଘୁନାଥପୁରରେ ୭୯୯ ଚାଷୀଙ୍କର ୩୩୧୨୩.୬୧ କ୍ୱିଣ୍ଟାଲ, ବଳଭଦ୍ରପୁର ରାଇସୁଆଁରେ ୪୮୦ ଚାଷୀଙ୍କର ୧୬୫୩୬ କ୍ୱିଣ୍ଟାଲ, ରାଜନଗର ଲ୍ୟାମ୍ପସରେ ୫୯୮ ଚାଷୀଙ୍କର ୧୯୧୦୫.୭୪ କ୍ୱିଣ୍ଟାଲ,ରାମଚନ୍ଦ୍ରପୁରରେ ୫୧୪ ଚାଷୀଙ୍କର ୧୩୧୧୮.୫୫ କ୍ୱିଣ୍ଟାଲ, ରେବଣାପଳାଶପାଳରେ ୬୩୪ ଚାଷୀଙ୍କର ୨୦୬୮୬.୪୧ କ୍ୱିଣ୍ଟାଲ, ରିମୁଳି ଲ୍ୟାମ୍ପସରେ ୫୩୧ ଚାଷୀଙ୍କର ୧୫୧୨୯.୯୮ କ୍ୱିଣ୍ଟାଲ, ନରଣପୁର ଲ୍ୟାମ୍ପସ ରାଇସୁଆଁରେ ୭୯୯ ଚାଷୀଙ୍କର ୩୪୩୨୧.୮୬ କ୍ୱିଣ୍ଟାଲ, ସଦର ଲ୍ୟାମ୍ପସ ନରଣପୁରରେ ୯୫୮ ଚାଷୀଙ୍କର ୩୮୦୭୯ କ୍ୱିଣ୍ଟାଲ, ମଇଦାନକେଲରେ ୫୫୭ ଚାଷୀଙ୍କର ୧୯୮୨୭.୮୧ କ୍ୱିଣ୍ଟାଲ, ସଢାରେ ୧୨୬୪ ଚାଷୀଙ୍କର ୫୯୧୯୮.୦୯ କ୍ୱିଣ୍ଟାଲ, ସାହାରପଡା ଲ୍ୟାମ୍ପସରେ ୯୨୧ ଚାଷୀଙ୍କର ୨୬୪୦୫.୩୪ କ୍ୱିଣ୍ଟାଲ, ସଇଲଙ୍ଗରେ ୭୭୭ ଚାଷୀଙ୍କର ୨୧୦୭୭.୯୩ କ୍ୱିଣ୍ଟାଲ, ଶାଳଦେଇରେ ୯୪୦ ଚାଷୀଙ୍କର ୩୩୯୨୫.୬୨ କ୍ୱିଣ୍ଟାଲ, ସମଣାରେ ୧୫୦୨ ଚାଷୀଙ୍କର ୫୩୨୬୩.୬୧ କ୍ୱିଣ୍ଟାଲ,ସିରିଗିଡା ଲ୍ୟାମ୍ପସରେ ୪୨୭ ଚାଷୀଙ୍କର ୧୬୪୨୯.୮୨ କ୍ୱିଣ୍ଟାଲ, ସୋସୋରେ ୭୭୧ ଚାଷୀଙ୍କର ୩୦୨୨୪.୩୭ କ୍ୱିଣ୍ଟାଲ, ବାଲିବରେଇରେ ୧୭୫ ଚାଷୀଙ୍କର ୪୬୦୯.୩ କ୍ୱିଣ୍ଟାଲ,ଶୁଆକାଟୀ ଲ୍ୟାମ୍ପସରେ ୧୬୪ ଚାଷୀଙ୍କର ୪୦୭୫.୩୬ କ୍ୱିଣ୍ଟାଲ, ସୁଲଣରେ ୩୦୨ ଚାଷୀଙ୍କର ୧୨୬୦୦.୭୮ କ୍ୱିଣ୍ଟାଲ, ତରମାକାନ୍ତ ଲ୍ୟାମ୍ପସରେ ୧୭୪ ଚାଷୀଙ୍କର ୫୦୨୮.୯୫ କ୍ୱିଣ୍ଟାଲ,ତରତରାରେ ୮୪୩ ଚାଷୀଙ୍କର ୨୪୮୦୦.୪୬ କ୍ୱିଣ୍ଟାଲ, କଣ୍ଟିପାଳରେ ୩୯୮ ଚାଷୀଙ୍କର ୧୩୭୭୨.୩୩ କ୍ୱିଣ୍ଟାଲ,ତେଲକୋଇ ଲ୍ୟାମ୍ପସରେ ୧୦୦୭ ଚାଷୀଙ୍କର ୪୦୧୭୪.୯ କ୍ୱିଣ୍ଟାଲ,ତେଣ୍ଡେରା ଲ୍ୟାମ୍ପସରେ ୧୧୦୦ ଚାଷୀଙ୍କର ୩୧୫୬୩.୯୪ କ୍ୱିଣ୍ଟାଲ, ଉଦୟପୁର ଲ୍ୟାମ୍ପସରେ ୬୬୬ ଚାଷୀଙ୍କର ୧୮୧୨୯.୩୨ କ୍ୱିଣ୍ଟାଲ ଓ ଉଖୁଣ୍ଡା ଲ୍ୟାମ୍ପସରେ ୧୪୧୧ ଚାଷୀଙ୍କର ୪୯୫୪୯.୩୭ କ୍ୱିଣ୍ଟାଲ ଧାନ ମାର୍ଚ୍ଚ ୨୬ ତାରିଖ ସୁଦ୍ଧା କିଣାଯାଇଥିବା ଜଣାପଡିଛି। ତେବେ ଅନେକ ଚାଷୀ ଆବଶ୍ୟକ ଟୋକନ ନପାଇ ଧାନ ବିକିବା ଅପେକ୍ଷାରେ ଥିବାରୁ ସରକାର ଖରିଫ୍ ଧାନ କିଣା ଅବଧି ବୃଦ୍ଧି କରିବାକୁ ଚାଷୀଙ୍କ ମହଲରେ ଦାବି ଉଠିଛି।

## ବାଲିସାହିରେ ଶ୍ରୀରାମ ନବମୀ ଉତ୍ସବ



କେନ୍ଦୁଝର,୨୭ ।୩(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ବାଲିସାହିରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ଜୟ ଶ୍ରୀରାମ ଜୟ ହନୁମାନ ଶ୍ରୀମନ୍ଦିର ଟ୍ରଷ୍ଟ ପକ୍ଷରୁ ତୃତୀୟ ଜନ୍ମବାର୍ଷିକ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜନ ହୋଇଛି। ସକାଳେ ସ୍ଥାନୀୟ ନଦୀରୁ ଶୋଭଯାତ୍ରାରେ ନାମ ସଂକୀର୍ତ୍ତନ କରି ଜଳ କଳସ ଆସ୍ଥାନରେ ରଖାଯିବା ପରେ ମହାମନ୍ତ୍ର ଆରମ୍ଭ ହୋଇଥିଲା। ପୂଜକ ଶାନ୍ତନୁ କୁମାର ଦାସ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବହୁ ସଂଖ୍ୟକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସର୍ବସାଧାରଣଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ବିଦ୍ୟାଧର ମହାନ୍ତ, ରବିନ୍ଦ୍ର ପ୍ରସାଦ ପାତ୍ର, ସବିତାରାଣୀ ମହାନ୍ତ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଶ୍ରୀରାମନବମୀ ଓ ହନୁମାନ ବିଗ୍ରହ ପ୍ରତିଷ୍ଠା




ଆନନ୍ଦପୁର ୨୭।୩ (ସମିସ): ଆନନ୍ଦପୁରରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ରାମନବମୀଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ରାମ ମନ୍ଦିର ଏବଂ ହନୁମାନ ମନ୍ଦିରରେ ସକାଳୁ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମଛାଳୋ ଛକସ୍ଥିତ ଫିଲିଙ୍ଗ ଷ୍ଟେସନ ରେଡ଼ ବିପିନି ବିହାରୀ ମିଶ୍ର ଓ ଡ଼ ସୁକାନ୍ତି ମିଶ୍ରଙ୍କ ତତ୍ୱାବଧାନରେ ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିଲେ। ଏହି ଅବସରରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଆନନ୍ଦପୁର ଜେଲସ୍ଥିତ ହନୁମାନ ମନ୍ଦିର, ପଞ୍ଚମୁଖୀ ହନୁମାନ, ଝାଡ଼େଶ୍ୱର ମନ୍ଦିର, ଦଧିବାମନଜୀଉ ମନ୍ଦିର ସମେତ ଆନନ୍ଦପୁର ବଡଦାଣ୍ଡଠାରେ ଥିବା ଶ୍ରୀରାମଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ବଜରଙ୍ଗୀ ଦଳ ପକ୍ଷରୁ ଝଡ଼େଶ୍ୱର ମନ୍ଦିରରୁ ମଟର ସାଇକଲର ଏକ ଶୋଭାଯାତ୍ରା ବାହାରିଥିଲା। ମନ୍ଦିରଗୁଡିକରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ସମୟରେ ବିଭିନ୍ନ ପୂଜା କମିଟି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ



ଚମ୍ପୁଆ,୨୭ ।୩(ସମିସ): ଚମ୍ପୁଆ ସଦର ମହକୁମା ଧରଣୀଧର ନଗରଭବନଠାରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ଦ୍ୱିତୀୟ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ତତ୍ତ୍ୱାବଧାନରେ ଏହି ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଅନୁଷ୍ଠାନ ତରଫରୁ ସମାଜକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ନାଟକରେ ବଳିଷ୍ଠ ନିର୍ଦ୍ଦେଶନା ଦେଇଥିବା ପ୍ରକାଶଚନ୍ଦ୍ର କଣ୍ଡୁ, ସହନିର୍ଦ୍ଦେଶକ ରାଜେନ୍ଦ୍ର ଦେଓ, ଦୁଇଟି ନାଟକ "କାହାଣୀ କାନ୍ଦୁଛି ଆଖି ଲୁଚେଇ' ଓ "କଟି କଟି ଡବଲ କଟି" ମଞ୍ଚସ୍ଥ ହୋଇଯାଇଛି। ମଞ୍ଚପରିଚାଳକ ଧରଣୀଧର ଦାସ, ଅନୁଷ୍ଠାନର ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ପ୍ରଧାନ ଓ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ପରିଷଦର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହଯୋଗରେ ନାଟକ ସଫଳତାର ସହିତ ମଞ୍ଚସ୍ଥ ହୋଇପାରିଛି। ପ୍ରଥମ ଦିନର ମୁଖ୍ୟଅତିଥି ଭାବରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ବିଜେପି ନେତା ସୁମନ୍ତ ତ୍ରିପାଠୀ, ଚମ୍ପୁଆ ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ ଅକ୍ଷୟ ଛତ୍ରିଆ, ଚମ୍ପୁଆ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଓକିଲ ସଂଘର ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଧରଣୀଧର ଦାସ ପ୍ରମୁଖଙ୍କୁ ମଞ୍ଚକୁ ସ୍ୱାଗତ କରାଯାଇ ମା'ତାରିଣୀଙ୍କ ଫୋଟରେ ପୂଜାର୍ଚ୍ଚନା ପୂର୍ବକ ପୁଷ୍ପମାଲ୍ୟ ଦୀପ ପ୍ରଜ୍ୱଳନ କରି ଫିତା କାଟିଥିଲେ।

### ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଲୋକଦେଖାଣିଆ

# ମିଳିନି ପାରିଶ୍ରମିକ; ଜବ୍‌କାର୍ଡଧାରୀ ଅନୁପସ୍ଥିତ

ବାଲିବନ୍ଧ, ୨୭।୩(ସମିସ): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ସମ୍ପର୍କିତ ଜନଶୁଣାଣି ଝୁମ୍ପୁରା ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ପ୍ରକଳ୍ପ ଅଧିକାରୀ (ଏପିଓ) ଭୀମସେନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜନଶୁଣାଣିରେ ବିଡ଼ିଓ ହୃଦାନନ୍ଦ ଅଡା, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ନଗର ଉନ୍ନୟନ ଅଧିକାରୀ ସୁକାନ୍ତ ମାଝୀ, ପ୍ରଦୀପ ଘୋଡାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଧା ମାଝୀ ଯୋଗଦାନ କରିଥିଲେ। ଝୁମ୍ପୁରା ବ୍ଲକ ୨୨ଟି ପଞ୍ଚାୟତରେ ୧-୪-୨୦୨୫ରୁ ୩୦-୯-୨୦୨୫ ମଧ୍ୟରେ ହୋଇଥିବା ମନରେଗା ଯୋଜନାରୁ ହୋଇଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ମନରେଗା କାର୍ଯ୍ୟଗୁଡ଼ିକ ବିଭାଗ ତରଫରୁ ନିଯୁକ୍ତି ହୋଇଥିବା ଗ୍ରାମ୍ୟ ସମ୍ବଳ ଅଧିକାରୀଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟଗୁଡ଼ିକର ଶତ ପ୍ରତିଶତ ଯାଞ୍ଚ କରି ତଥ୍ୟ ଉପସ୍ଥାପନ କରିବାର ନିୟମ ରହିଛି। ଏହି ବୈଠକରେ ପଞ୍ଚାୟତ ଅଧିକାରୀଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଅଧିକାରୀ ଉପସ୍ଥିତ ରହିବା ସହିତ ୨୨ଟି ପଞ୍ଚାୟତରେ ରହିଥିବା ୨୬,୮୭୯ ଜବ କାର୍ଡଧାରୀ ଉପସ୍ଥିତ ରହିବା କଥା କିନ୍ତୁ ବ୍ଲକ ପ୍ରଶାସନ ଜବ କାର୍ଡଧାରୀ ଶ୍ରମିକଙ୍କୁ ଅଣଦେଖା କରିବା ସହିତ ଜନଶୁଣାଣି ସମ୍ପର୍କରେ ଅବଗତ କରୁନାହାନ୍ତି। ଯାହାଫଳରେ ଜବକାର୍ଡଧାରୀ ଶ୍ରମିକମାନେ ଅଧିକାରୀ ପାଖରେ ଅଭିଯୋଗ କରି ପାରୁ ନଥିବାରୁ ତାଙ୍କର ସମସ୍ୟା ସମାଧାନ ହୋଇପାରୁ ନାହିଁ। ଆଜକୁ ୬ ମାସ ତଳେ ଅସନପାଟ ପଞ୍ଚାୟତର ଢିପାସାହି ଶାଳ ଜଙ୍ଗଲରୁ ମାମୁଳି ଯୋଡା ପର୍ଯ୍ୟନ୍ତ କେନାଲ କାମ



ଚମ୍ପୁଆ ଆଇଟିଡିଏ ତରଫରୁ ମନରେଗା ଯୋଜନାରୁ କାମ ହୋଇଥିଲା। ଏହି କେନାଲ କାମରେ ସ୍ଥାନୀୟ ଜବ କାର୍ଡଧାରୀ ଶ୍ରମିକମାନେ କାମ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ଶ୍ରମିକଙ୍କୁ ପାରିଶ୍ରମିକ ମିଳି ନାହିଁ ବୋଲି ବଳଭଦ୍ର, ପଞ୍ଚରତ୍ନ, ଭାନୁମତୀ, ମିନା, ମୂକା ସମେତ ଅନ୍ୟ କିଛି ଜବ କାର୍ଡଧାରୀ ଶ୍ରମିକ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲୋକଦେଖାଣିଆ ଜନଶୁଣାଣି କରି ଦୁର୍ନୀତିକୁ ଘଣ୍ଟା ଗୋଡ଼ାଇ ବାହାବା ନେଉଛି ପ୍ରଶାସନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ପରୀକ୍ଷା ତ୍ରୁଟି

### ରୋଗୀଙ୍କ ଜୀବନ ପାଇଁ ସାଜିଛି ବିପଦ

**ଆନନ୍ଦପୁର,୨୭।୩(ସମିସ):** ଫକୀରପୁରର ଜନୈକ ବ୍ୟକ୍ତି ଚଳିତ ମାସ ୧୬ ତାରିଖରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଜର ଥଣ୍ଡା ଜ୍ୱର ପାଇଁ ଔଷଧ ଆଣିବା ପାଇଁ ଯାଇଥିଲେ। ଉପସ୍ଥିତ ଥିବା ଡାକ୍ତର ରକ୍ତ ପରୀକ୍ଷା ପାଇଁ କହିଥିଲେ। ସରକାରଙ୍କ ଦ୍ୱାରା ପିପିପି ମୋଡ୍‌ରେ ଏହି ଉପଖଣ୍ଡ ଚିକିତ୍ସାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଚାଲୁଥିବା କ୍ରିଷ୍ଣା ଡାଇଗ୍ନୋଷ୍ଟିକ୍ ନିଦାନ କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇଥିଲେ। ସେଇ ପରୀକ୍ଷା ଉପଖଣ୍ଡ ଚିକିତ୍ସାଳୟରେ ଥିବା ରକ୍ତ ପରୀକ୍ଷା କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇଥିଲେ। କ୍ରିଷ୍ଣା ଡାଇଗ୍ନୋଷ୍ଟିକ୍‌ରେ ଇସୋନୋଫିଲ୍ ୧୧. ୯୦ ଥିବାବେଳେ ଡାକ୍ତରଖାନାରେ କରିଥିବା



ରିପୋର୍ଟରେ ୦୩ ଅଛି। ସେଇ ସମାନ ଦିନ ଏବଂ ସମାନ ସମୟରେ ଏମିତି ବିଭ୍ରାନ୍ତିକର ତଥ୍ୟ କିଭଳି ଆସିଲା ବୋଲି ଯେତେବେଳେ ଜନୈକ ବ୍ୟକ୍ତି ଉପସ୍ଥିତ ଡାକ୍ତରଙ୍କୁ ପଚାରନ୍ତି ଡାକ୍ତର କହିଲେ, ରିପୋର୍ଟ ଯାହା ବାହାରିଛି ସେମାନେ କରିଛନ୍ତି। ମୁଁ କଣ କରିବି ? ଏମିତି ଯଦି ବିଭ୍ରାନ୍ତିକର ଆଉ ଭୁଲ୍ ରିପୋର୍ଟ ବାହାରେ ରୋଗୀଙ୍କ ଅବସ୍ଥା କଣ ହେବ ବୋଲି ଚିନ୍ତାର କାରଣ ହୋଇଛି। ଏହା ରୋଗୀଙ୍କ ପାଇଁ ବିପଦ ସାଜିଛି। ଏନେଇ ରୋଗୀ କେନ୍ଦୁଝର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ସୋସୋ ପୁଲିସ ପକ୍ଷରୁ କଡ଼ାକଡି ଯାଞ୍ଚ

ହାଟଡ଼ିହୀ,୨୭।୩(ସମିସ): ସୋସୋ ପୁଲିସ ପକ୍ଷରୁ ପବିତ୍ର ଶ୍ରୀରାମ ନବମୀ ଉତ୍ସବକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡି ହୋଇଛି। ଆନନ୍ଦପୁର ଏସଡ଼ିପିଓ କମଲ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଦିବାରାତ୍ର ସୋସୋ ପୁଲିସ ପକ୍ଷରୁ କଡ଼ାକଡି ପାଟ୍ରୋଲିଂ ସହ ଯାଞ୍ଚ ପ୍ରକ୍ରିୟା ଚାଲିଛି। ସନ୍ଧ୍ୟା ସମୟରୁ ଥାନା ଅଧିକାରୀ କାନନ ସାହୁ ଏବଂ ଇନ୍ସପେକ୍ଟର ଯମୁନା ମାରାଣ୍ଡିଙ୍କ ନେତୃତ୍ୱରେ ଢେଙ୍କା ଛକ, ସୋସୋ କଲେଜ ଛକ, ବିଦ୍ୟାଧରପୁର ବଜାର ଠାରେ ବିଭିନ୍ନ ଯାନବାହନ ଯାଞ୍ଚ ଚାଲିଛି। କିଛି ବାଇକ୍ ଆରୋହୀ ଅତର୍କିତ ଭାବେ ଗାଡ଼ି ଫେରାଇ ଅନ୍ୟ ବାଟଦେଇ ପଳେଇଥିଲେ। ପୁଲିସ ପକ୍ଷରୁ ମେସିନ୍ ଦ୍ୱାରା ନିଶା ସେବନ ଯାଞ୍ଚ ହେଉଥିବାରୁ ଅନେକ ବାଇକ୍ ଆରୋହୀ ମଧ୍ୟ ଅନେକ ସମୟ ଯାଏଁ ଏହି ରାସ୍ତାଦେଇ ଆସିନଥିଲେ। ବିଦ୍ୟାଧରପୁର ବଜାର, ସୋସୋ କଲେଜ୍ ଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯାଞ୍ଚ ହୋଇଥିଲା।

## କେନ୍ଦୁଝର ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

କେନ୍ଦୁଝର, ୨୭।୩(ସମିସ): କେନ୍ଦୁଝରଗଡ଼ ମାଇନିଙ୍ଗ୍ ରୋଡ୍‌ସ୍ଥିତ ଶ୍ରୀଅରବିନ୍ଦପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ କେନ୍ଦୁଝର ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାତୃନିଳୟ ସମାଧି ମଣ୍ଡପରେ ମା'ଶ୍ରୀଅରବିନ୍ଦଙ୍କୁ ପୁଷ୍ପାର୍ପଣ ସହ ସାମୂହିକ ନିରବ ଧ୍ୟାନ ଓ ପ୍ରାର୍ଥନା କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପରେ ପରେ ମାଇନିଙ୍ଗ ରୋଡ଼ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନ ସଭାଗୃହ ଦୁଇ ମିନିଟ ନିରବ ଧ୍ୟାନ ସହ ମାତୃବନ୍ଦନା ଗାନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭରେ ଆଗାମୀ ଅପ୍ରେଲ ୧୩ତାରିଖରେ ମାତୃନିଳୟ କେନ୍ଦୁଝରଠାରେ ହେବାକୁ ଥିବା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ନିମନ୍ତ୍ରଣ ହୋଇଥିଲା। ଏ ଅବସରରେ କର୍ମୀ ସମ୍ମିଳନୀର ଉଦ୍ଦେଶ୍ୟ ଓ ସବିଶେଷ ବିବରଣୀ ପାଠ କରାଯାଇଥିଲା। ଜିଲ୍ଲା ସଂଗଠକ ଗୁନଚରଣ ସାହୁ, ପଦ୍ମନାଭ ମହାନ୍ତ ଓ ରାଜନ ସାହୁଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ ପରିଚାଳିତ ହୋଇଥିଲା। କର୍ମୀମାନେ ନିଜ ନିଜ ଅଞ୍ଚଳର ନୂତନ ପାଠଚକ୍ର ଗଠନ ଓ ସେମାନଙ୍କ ମାତୃକାର୍ଯ୍ୟଧାରାର ବିବରଣୀ ପ୍ରଦାନ କରିବା ସହ ଜିଲ୍ଲାର ବିଭିନ୍ନ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ପାଠଚକ୍ର ଆଲୋଚନା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ କୁହାଯାଇଥିଲା। ଏହି ଅବସରରେ ଜିଲ୍ଲାର ଆନନ୍ଦପୁର, ସୋସୋ, ବେଲବାହାଳୀ, କଇନିପୁରା, ବିନିଦା, ଢେଙ୍କିକୋଟ, ପାଟଣା, ସାହାରପଡା, କେନ୍ଦୁଝର ସଦର, ରାଙ୍କି, ତେଲକୋଇ, ସରୁଆଳୀ ଝୁମ୍ପୁରା, ରାଇକଳା, ଚମ୍ପୁଆ, ବଡବିଲ, ବାଂଶପାଳ, ହାଟଡିହି, ନନ୍ଦରା, ଲକ୍ଷ୍ମୀପୁର, ସଢା, ସତୁସୁଡିଆ, ତରତରା, ରେମାଳ, ବ୍ରାହ୍ମଣୀପାଳ, ଦୈତାରି ଆଦି ଅଞ୍ଚଳରୁ ସମସ୍ତ ମାତୃକର୍ମୀ/ ମାତୃପ୍ରେମୀଙ୍କ ସହ ବ୍ଲକ ସଙ୍ଗଠନର ଆବାହକ ଓ ଦଶକର୍ମଧାରାର ପ୍ରମୁଖ ସଂଗଠକ ଅନ୍ୟୂନ ୧୦୦ରୁ ଉର୍ଦ୍ଧ୍ୱ ଅପାଭାଇ-କର୍ମୀ



ସମ୍ମିଳନୀର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଗଠକ ଗୁନଚରଣ ସାହୁ କୃତଜ୍ଞତା ଜ୍ଞାପନ କରିଥିବା ବେଳେ ମା'ଙ୍କ ସାଇଲେନ୍ସ ମ୍ୟୁଜିକ୍ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

### ଯୋଡ଼ା ସହରରେ ରନ୍ଧନ ଗ୍ୟାସ୍ ସମସ୍ୟା

# ଛୋଟ ହୋଟେଲ ଓ ଠେଲା ଦୋକାନ ବନ୍ଦ

ଯୋଡ଼ା, ୨୭।୩(ସମିସ): ଯୋଡ଼ା ସହରରେ ବର୍ତ୍ତମାନ ରନ୍ଧନ ଗ୍ୟାସର ଗୁରୁତର ସମସ୍ୟା ଦେଖାଦେଇଛି, ଯାହାର ପ୍ରଭାବ ସର୍ବାଧିକ ଛୋଟ ଛୋଟ ହୋଟେଲ ଓ ଠେଲା ଜଳଖିଆ ଦୋକାନ ଉପରେ ପଡ଼ିଛି। ଗ୍ୟାସ ଅଭାବରୁ ଅନେକ ବ୍ୟବସାୟୀ ତାଙ୍କ ଦୋକାନ ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବାନୁସାରେ, ପୂର୍ବରୁ କିଛି ଦିନ ଧରି ଗ୍ୟାସ ସିଲିଣ୍ଡର ଯଥାସମୟରେ ମିଳୁନାହିଁ। ଏହାର ଫଳରେ ସକାଳ ଜଳଖିଆ ଓ ଦୈନନ୍ଦିନ ଖାଦ୍ୟ ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦୈନିକ ଠେଲା କରି ଜଳଖିଆ ବିକ୍ରି କରୁଥିବା ଛୋଟ ବ୍ୟବସାୟୀମାନେ ଏହାରେ ଭାରି କ୍ଷତି ଭୋଗୁଛନ୍ତି। ଏହାସହିତ ଗ୍ରାହକ ମଧ୍ୟ ଖାଇବାକୁ ନ ପାଇ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏକ ଠେଲା ଦୋକାନୀ କହିଲେ, 'ଗ୍ୟାସ ନଥିବାରୁ ଦୋକାନ ଖୋଲିପାରୁନି। ଆମର ଦୈନିକ ଆୟ ପୁରାପୁରି ବନ୍ଦ ହୋଇଯାଇଛି'। ସେହିପରି ଅନ୍ୟ ଏକ ହୋଟେଲ ମାଲିକ କହିଲେ ଯେ, ଗ୍ୟାସ ମିଳିବାରେ ବିଳମ୍ବ ହେବାରୁ ଗ୍ରାହକମାନେ ଅସନ୍ତୁଷ୍ଟ ହେଉଛନ୍ତି ଓ ବ୍ୟବସାୟ ନଷ୍ଟ ହେଉଛି।

ସ୍ଥାନୀୟ ପ୍ରଶାସନ ଓ ଗ୍ୟାସ ଯୋଗାଣ କମ୍ପାନୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ ପଦକ୍ଷେପ ଦେଖିବାକୁ ମିଳିନାହିଁ ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି। ଏହି ସମସ୍ୟା ଦ୍ରୁତ ସମାଧାନ ପାଇଁ ସାଧାରଣ ଲୋକ ଦାବି କରୁଛନ୍ତି। ଯଦି ଶୀଘ୍ର ଗ୍ୟାସ ସରବରାହ ସାଧାରଣ ହେବନାହିଁ, ତେବେ ଯୋଡ଼ା ସହରରେ ଜୀବନଯାପନ ଅଧିକ କଷ୍ଟସାଧ୍ୟ ହେବ ବୋଲି ଅନୁମାନ କରାଯାଉଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଯୋଡ଼ା ସହରରେ ଦୁଇ ଦୁଇଟି ଏଲ ପିଜି ଗ୍ୟାସ ଏଜେନସି ରହିଛି ହେଲେ କେଉଁଥିରେ ମଧ୍ୟ ଗ୍ୟାସ ଷ୍ଟକରେ ନାହିଁ। ଉପୋଭୋକ୍ତା ବୁକିଂ କରିବାର ମାସ ଟିଏ ବିତି ଯାଉଥିଲେ ମଧ୍ୟ ତାଙ୍କୁ ସୁଚାରୁରୂପେ ଗ୍ୟାସ ମିଳିପାରୁନାହିଁ। କିଛି ହୋଟେଲ ମାଲିକଙ୍କ କହିବା କଥା, ଗ୍ୟାସ ସିଲିଣ୍ଡର ଅସୁବିଧାର ସୁଯୋଗରେ ସ୍ଥାନୀୟ କାଠ ବିକ୍ରି କରୁଥିବା ଲୋକ ବି କାଠର ମୂଲ୍ୟ ବୃଦ୍ଧି କରି ଦେଇଛନ୍ତି। ଗ୍ୟାସ ଏଜେନସି ପର୍ଯ୍ୟାପ୍ତ ସିଲିଣ୍ଡର ଲୋକଙ୍କୁ ଯୋଗାଇ ପାରୁ ନଥିବା ନେଇ ଏଜେନସି କର୍ମଚାରୀ ଆମକୁ ପର୍ଯ୍ୟାପ୍ତ ଗ୍ୟାସ ମିଳିପାରୁନାହିଁ। ଆମେ ମଧ୍ୟ ଉପଭୋକ୍ତାଙ୍କୁ ଠିକ ସମୟରେ ଯୋଗାଇ ପାରୁ ନାହୁଁ ବୋଲି କହିଛନ୍ତି।

### ବଜରଙ୍ଗ ସେନା ପକ୍ଷରୁ ଜନଜାଗୃତି ଶୋଭାଯାତ୍ରା

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ଝଣ୍ଡାଯାତ୍ରା

ଡୁରୁମୁଙ୍ଗା, ୨୭।୩(ସମିସ):

ଶ୍ରୀରାମ ନବମୀ ଅବସରରେ ଡୁରୁମୁଙ୍ଗାରେ ଦେଖିବାକୁ ମିଳିଛି ଭକ୍ତି ସହ ସଚେତନତାର ଅଦ୍ଭୁତ ଦୃଶ୍ୟ। ଶୁକ୍ରବାର ଶ୍ରୀ ବଜରଙ୍ଗ ସେନା ପକ୍ଷରୁ କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ କନ୍ଦର୍ପ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ତପନ କୁମାର ମହାନ୍ତି, ରାଜ୍ୟ ପ୍ରଭାରୀ ଓମଚନ୍ଦ୍ର ମୋହନ ନାଏକ ଉପସଭାପତି ଚିତ୍ତରଞ୍ଜନ ଦାଶ ଅଜୟ କୁମାର ସାହୁ, ଶିବ ମହାନ୍ତି ପ୍ରମୁଖ ଦିବ୍ୟ ଶୋଭାଯାତ୍ରାରେ ସାମିଲ ହୋଇ ଗୋମାତାଙ୍କ ସେବା, ସୁରକ୍ଷା ଓ ସମ୍ମାନ ପାଇଁ ବିଶାଳ ଜନଜାଗୃତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ କର୍ମୀଙ୍କ ସହ ଏହି






ଶୋଭାଯାତ୍ରାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇଥିଲେ। ତ୍ରିବିନ୍ଧା ଶିବ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ଡୁରୁମୁଙ୍ଗା ବଜାର ପରିକ୍ରମା କରିବା ସହ ବାଉଁଶୁଳି, ଧନୁର୍ଜୟପୁର, କଣ୍ଟିଆପଡା, ଯମୁନାପଶି, ନୂଆଗାଁ ଚିଲିଦା ଆଦି ବିଭିନ୍ନ ଅଞ୍ଚଳକୁ ଯାଇଥିଲା। ହାତରେ ପତାକା ଓ ବ୍ୟାନର ଧରି କର୍ମୀମାନେ ଗୋ ସୁରକ୍ଷାର ବାର୍ତ୍ତା ପ୍ରଚାର କରିଥିଲେ। ବଜରଙ୍ଗ ଦଳ କର୍ମୀଙ୍କ ସହ ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗ ଦେଇଥିଲେ।

ସେହିପରି ପାଟଣା ବ୍ଲକ ରାଜନଗର ରଘୁନାଥଜୀଉ ମଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଦେବୋତ୍ତର ବିଭାଗ ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରାସାଦ ସେବନ ବ୍ୟବସ୍ଥା ହୋଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଦେବୋତ୍ତର ବିଭାଗ ତରଫରୁ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡ଼ିଓ ମାନସ ଦଣ୍ଡପାଟ, ସ୍ଥାନୀୟ ଆରଆଇ ଶିବପ୍ରାସାଦ ମାହାନ୍ତ ପରିଚାଳନା କରିଥଲେ। ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ଓ ଆରଏସଏସ ପକ୍ଷରୁ ଶୁକ୍ରବାର ସ୍ୱାମ୍ ଛକସ୍ଥିତ ହନୁମାନ ମନ୍ଦିର ପୂଜା ପରେ ସନ୍ଧ୍ୟାରେ ରାମ ଝଣ୍ଡା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିରରେ ପହଞ୍ଚିଥିଲା। ଏଥିରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଶ୍ୱ ହିନ୍ଦୁ ପରିଷଦ ବ୍ଲକ ସଭାପତି ସନାତନ ଦାଶ, ଆରଏସଏସର ବିରଞ୍ଚି ମହାନ୍ତ, ଡମ୍ବରୁଧର ମହାନ୍ତ, ଭରତଚନ୍ଦ୍ର ମହାନ୍ତ, ରାମ ନବମୀ କମିଟିର ତାପସ ମିଶ୍ର, ଅଭିଷେକ ଦାଶ, ପ୍ରକାଶ ସେଠୀ, ରଜନୀକାନ୍ତ ମିଶ୍ର, ସୌମ୍ୟରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର ମହାନ୍ତ, ମୋହନ ମହାନ୍ତ, ଅକ୍ଷୟ ସାହୁ, ପ୍ରକଶ ଦାଶ, ମଧୁ ମହାନ୍ତ ସାମିଲ ଥିଲେ।

## ଧୂମଧାମରେ ପାଳିତ ହେଲା ପବିତ୍ର ଶ୍ରୀରାମ ନବମୀ



ଚମ୍ପୁଆ, ୨୭।୩(ସମିସ): ଚମ୍ପୁଆ ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ପବିତ୍ର ରାମନବମୀ ଉତ୍ସବ ଭକ୍ତିପୁତ ତଥା ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ବିଭିନ୍ନ ହନୁମାନ ମନ୍ଦିର ସମେତ ରାମମନ୍ଦିର ଗୁଡିକରେ ଏହି ଉତ୍ସବ ପାଳନ କରାଯାଉଥିବା ବେଳେ ଚମ୍ପୁଆ ସଦରମହକୁମାର ଶ୍ରୀରାମ ମନ୍ଦିର, ଉପକାରାଗାରରେ ଥିବା ହନୁମାନ ମନ୍ଦିର, କୋଦଗାଡିଆ, ରଜିଆ ଆଦି ପଞ୍ଚାୟତରେ ଥିବା ହନୁମାନ ମନ୍ଦିରରେ ଏହି ପବିତ୍ର ରାମନବମୀ ପାଳିତ ହୋଇଥିଲା। ଚମ୍ପୁଆ ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଦିନ ୧୧ଟା ସମୟରେ ସହରର ମୁଖ୍ୟ ସ୍ଥାନରେ ସୁଉଚ୍ଚ ଶ୍ରୀରାମ ପତାକା ସ୍ଥାପନ ପରେ ଶ୍ରୀରାମ ଆଖଡା ଅପରାହ୍ନରେ ବାହାରି ସହର ପରିକ୍ରମା କରିଥିଲା। ଜଗା ଚାକର ସଂଘ ପ୍ରମୁଖ ଅକ୍ଷୟ ପରିଡାଙ୍କ ତତ୍ତ୍ୱାବଧାନରେ ଭକ୍ତଙ୍କୁ ଟଙ୍କ ତୋରାଣି ପ୍ରଦାନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ଥାନାଧିକାରୀ ସ୍ୱରୂପ ରଂଜନ ନାୟକଙ୍କ ତତ୍ତ୍ୱାବଧାନରେ ପୁଲିସ ମୃତୟନ ହୋଇଥିବା ବେଳେ ୨୦୦୦ ଲୋକ ଓ ଭକ୍ତଙ୍କ ସମାଗମ ହୋଇଥିଲା।

## ଯୋଡ଼ା ସହରରେ ଭକ୍ତିମୟ ପରିବେଶ, କଡ଼ା ସୁରକ୍ଷା



ଯୋଡ଼ା, ୨୭।୩(ସମିସ): ପବିତ୍ର ରାମ ନବମୀ ଅବସରରେ ଯୋଡ଼ା ସହରରେ ଆଜି ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ଚଳିତ ବର୍ଷ ରାମ ନବମୀ ପାଇଁ ଯୋଡ଼ା ସହରରେ ଥିବା ଦୁଇଟି ହନୁମାନଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିବା ବେଳେ ଅପରାହ୍ନରେ ଝଣ୍ଡା ପରିକ୍ରମା ଉତ୍ସବ ପାଳନ ହୋଇ ଯାଇଛି। ଉଭୟ ମନ୍ଦିରର କମିଟି କାର୍ଯ୍ୟକର୍ତ୍ତା ଓ ଭକ୍ତଙ୍କ ଗହଣରେ ଏହି ଉତ୍ସବ ପାଳନ ହୋଇଥିବା ବେଳେ ସହରର ବିଭିନ୍ନ ଛକ ଓ ମୁଖ୍ୟ ସ୍ଥାନରେ ଝଣ୍ଡାଧାରୀ ଓ ଭକ୍ତମାନଙ୍କର ଭିଡ଼ ଜମି ଧାର୍ମିକ ଉତ୍ସାହ ଚରମ ସୀମାକୁ ପହଞ୍ଚିଛି। ହଜାର ହଜାର ଭକ୍ତ ଝଣ୍ଡା ଯାତ୍ରା ନିମନ୍ତେ ସହର ପରିକ୍ରମା କରୁଥିବା ଦେଖିବାକୁ ମିଳିଛି।

ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଭକ୍ତମାନଙ୍କ ପାଇଁ ପଣା ଓ ଥଣ୍ଡା ପାନୀୟ, ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ସେବା ଶିବିରମାନେ ଗରମ ପରିବେଶରେ ଭକ୍ତଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଏହି ପାନୀୟ ଯୋଗାଇ ଦେବା ସହ ଏକ ଧାର୍ମିକ ସେବାଭାବର ଉଦାହରଣ ସୃଷ୍ଟି କରୁଛନ୍ତି। ଝଣ୍ଡା ଉତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ହାତୀ ନାଚ, ଘୋଡା ନାଚ, ଭାଲୁ ନାଚ ସହ ପାଇକ ଆଖଡ଼ା ଖୁବ ସୁନ୍ଦର ହୋଇଥିଲା। ପରିକ୍ରମା ସମୟରେ ସୁରକ୍ଷାକୁ ଦୃଷ୍ଟିରେ ରଖି ସବୁ ବର୍ଷ ପରି ଏ ବର୍ଷ ମଧ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସହରର ସମ୍ବେଦନଶୀଳ ଅଞ୍ଚଳରେ ୧୨ ପ୍ଲାଟୁନ ପୁଲିସ ବଳ ମୁତୟନ କରାଯାଇଥିବାବେଳେ ନିୟମିତ ପାଟ୍ରୋଲିଂ ଓ ନଜରଦାରି ବଢ଼ାଯାଇଛି। ପୁଲିସ ଓ ମନ୍ଦିର କମିଟି ଉଭୟଙ୍କ ପ୍ରଚେଷ୍ଟାରେ ଉତ୍ସବକୁ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା।

## ଉତ୍ସବମୁଖର ତେଲକୋଇ ବ୍ଲକ୍

ତେଲକୋଇ, ୨୭।୩(ସମିସ): ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନରେ ରାମ ନବମୀ ଅନୁଷ୍ଠିତ ହୋଇ ଯାଇଛି। ଓରିଆ ବିରିଦା ପଞ୍ଚାୟତସ୍ଥିତ କତରାପାଲି ଧନୁର୍ଜୟପୁରସ୍ଥିତ ହନୁମାନ ମନ୍ଦିର, ତଳସାହିସ୍ଥିତ ସତସଙ୍ଗ ବିହାର ବାୟା ବାବା ମଠ ଆଦି ସ୍ଥାନରେ ରାମ ନବମୀ ପାଳିତ ହୋଇଯାଇଛି।



କତରାପାଲିସ୍ଥିତ ହନୁମାନ ମନ୍ଦିରରେ କର୍ତ୍ତା ଭାବେ ପୁରୁଷୋତ୍ତମ ସ୍ୱାଇଁ ଯଜ୍ଞରେ ବସିଥିବା ବେଳେ ପୂଜକ ଚନ୍ଦ୍ରଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଆଖପାଖର ହଜାର ହଜାର ଭକ୍ତ ପ୍ରଭୁଙ୍କ ଦିବ୍ୟ ଦର୍ଶନ କରି କୃପା ଲାଭ କରିବା ସହିତ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ତଳସାହି ସତସଙ୍ଗ ବିହାରରେ ଗତକାଲିଠାରୁ ରାମ ନବମୀ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ପ୍ରଭୁଙ୍କ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନ ନାମ ଯଜ୍ଞ ଅନୁଷ୍ଠିତ ହୋଇଛି। ପରଦିନ ଅର୍ଥାତ୍ ତୃତୀୟ ଦିବସରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ଆୟୋଜିତ ହେବା ସତସଙ୍ଗ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ବାୟାବାବା ମଠ ତେଲକୋଇ ଅଞ୍ଚଳର ବହୁ ପୁରାତନ ଅନୁଷ୍ଠାନ ହୋଇଥିବା ବେଳେ ତେଲକୋଇ ତଥା ତେଲକୋଇ ଅଞ୍ଚଳ ବାହାରର ବିଭିନ୍ନ ପ୍ରାନ୍ତରୁ ବାୟାବାବା ସଦସ୍ୟମାନେ ଅନୁଷ୍ଠାନରେ ଜଡ଼ିତ ରହିଛନ୍ତି।

## ବଳଭଦ୍ରପୁରରେ ହନୁମାନ ଚାଳିଶା

ନାରଦପୁର,୨୭।୩(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ଆଜି ରାମ ନବମୀ ଉପଲକ୍ଷେ ସଙ୍କଟ ମୋଚନ ମହାବୀର ହନୁମାନଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବଡ଼ପୋଖରୀଠାରୁ ଶତାଧିକ ପୁରୁଷ ଓ ମହିଳା କଳସ ଶୋଭାଯାତ୍ରା କରି ପୂଜା ମଣ୍ଡପକୁ ଅଣା ଯାଇଥିଲା।



ଆଜିଠାରୁ ଆସନ୍ତା କାଲି ପର୍ଯ୍ୟନ୍ତ ହନୁମାନ ଚାଳିଶା ଓ ସଙ୍କୀର୍ତ୍ତନ ଚାଲୁରହିବ। ଏହି କଳସ ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ହନୁମାନ ଗାଦିର ବାବା ମଖବନ ନାଏକ ପୂଜାର୍ଚ୍ଚନା କରୁଥିବା ବେଳେ ଭକ୍ତ ଶିବଚରଣ ମହାନ୍ତ, ମହେଶ୍ୱର ବାରିକ, ହଗୁରୁ ଓରାମ, ଗୋବିନ୍ଦ ପାତ୍ର, ଶଙ୍କର୍ଷଣ ନାଏକ, ବ୍ରହ୍ମା ନାଏକ, ପୀତବାସ ନାଏକ, ଅମୃତ ନାଏକ, ମୀନା ପାତ୍ର, ପରମିତା ପାତ୍ର, ନିରୁପମା ନାଏକ, ରଜନୀ ନାଏକ, ମୀନା ମୁଦି, ତନୁଶ୍ରୀ ନାଏକ, ରାଜଶ୍ରୀ ମୁଣ୍ଡା, ପୁଷ୍ପା ମୁଣ୍ଡା, ନିଶାମଣି ମୁଣ୍ଡା, ମନ୍ଦଦରି ମୁଣ୍ଡା ଙ୍କ ସମେତ ସମସ୍ତ ଭକ୍ତ ସହଯୋଗ କରୁଛନ୍ତି। ପ୍ରସନ୍ନ ନାଏକ, ଶଙ୍କର ନାଏକ, ସୁଶୀଲ ନାଏକ, ମକୁରୁ ନାଏକ ଓ ସାଗରିକା ନାଏକ ପ୍ରମୁଖ ପରିଚାଳନା କରିଥିଲେ।

## ବଣ୍ଠୋ ଗ୍ରାମରେ ଶ୍ରୀରାମ ନବମୀ ଉତ୍ସବ

ହାଟଡ଼ିହୀ,୨୭।୩(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ଅନ୍ତର୍ଗତ ବଣ୍ଠୋ ଶ୍ରୀରାମ ମନ୍ଦିରରେ ପବିତ୍ର ଶ୍ରୀରାମଙ୍କ ବାର୍ଷିକ ତଥା ରାମ ନବମୀ ଉତ୍ସବ ଖୁବ୍ ଆଡ଼ମ୍ବର ସହକାରେ ପାଳିତ ହେଉଛି। ଶୁକ୍ରବାର ସକାଳୁ ସ୍ଥାନୀୟ ପୁଣ୍ୟତୟା ବୈତରଣୀ



ନଦୀରୁ ଏକ ଭକ୍ତିମୟ ପରିବେଶ ମଧ୍ୟରେ କଳସ ଯାତ୍ରା ହୋଇଥିଲା। ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଚୈତ୍ର ନବମୀ ଉତ୍ସବ ଶୋଭାଯାତ୍ରାରେ ଶହ ଶହ ଭକ୍ତ ଯୋଗଦେଇ ଭାବବିହ୍ୱଳ ହୋଇପଡ଼ିଥିଲେ। ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ସହ ରାଜାଭିଷେକ ହୋଇଥିଲା। ଏହି ଅବସରରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସହ ସନ୍ଧ୍ୟାବେଳେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଯେଉଁଥିରେ ସ୍ଥାନୀୟ କଳାକାରମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଉତ୍ସବକୁ ସଫଳ କରିବାରେ ଶ୍ରୀରାମ କମିଟିର ସଦସ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ରାଉତ, ବାଦଲ ନାୟକ, ଘନଶ୍ୟାମ ବରାଳ, ରବି ରାଉତ, ପଞ୍ଚାନନ ବିଶ୍ୱାଳ, ବିନୋଦ ବରାଳ, ବିଶ୍ୱନାଥ ବାରାଳ, ଦୀପୁ ବରାଳ, ଗଦା ନାୟକ, ବିନୋଦ ନାୟକ, ଅମିୟ ବରାଳ, ସନ୍ତୋଷ ବରାଳ, ସହଦେବ ବିଶ୍ୱାଳ ଓ ଅନ୍ୟମାନେ ମୁଖ୍ୟ ଭୂମିକାରେ ରହି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ନେତା ମହେଶ୍ୱର ସାହୁ, ହାଟଡିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଯୁବନେତା କୃଷ୍ଣଚନ୍ଦ୍ର ରଣା, ବଞ୍ଚ? ସରପଞ୍ଚ ପ୍ରଶାନ୍ତ ରାଉତ ଏବଂ ଆନନ୍ଦପୁର ଥାନା ଅଧିକାରୀ ଫନିନ୍ଦ୍ରଭୂଷଣ ନାୟକ ଓ ତାଙ୍କ ଷ୍ଟାଫ୍ ଉପସ୍ଥିତ ଥିଲେ। ଉତ୍ସବଟି ଶାନ୍ତିପୂର୍ଣ୍ଣ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଛି।

## କାରାଗାରରେ ଶ୍ରୀରାମ ନବମୀ

ରାଇରଙ୍ଗପୁର,୨୭।୩(ସମିସ): ରାଇରଙ୍ଗପୁର ଉପକାରାଗାର ପରିସରରେ ଶ୍ରୀରାମ ନବମୀ ପୂଜା ଅନୁଷ୍ଠିତ ହୋଇଛି। ଶୁକ୍ରବାର ସକାଳୁ ମହାଆଡମ୍ବରରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି।। କଏଦୀ ଓ କର୍ମଚାରୀଙ୍କ ଦ୍ୱାରା କାରାଗାର ମନ୍ଦିର ସୁସଜ୍ଜିତ କରାଯାଇଥିଲା। ପ୍ରଭୁ ଶ୍ରୀରାମ ପୂଜାର୍ଚ୍ଚନା ଓ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା। ଏହାପରେ



ସନ୍ଧ୍ୟାରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। କାରାଗାର ପରିସରରେ ପ୍ରାୟ ୨,୦୦୦ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ଜେଲର ଅଞ୍ଜନ କୁମାର ପଣ୍ଡାଙ୍କ ନେତୃତ୍ୱରେ କର୍ମଚାରୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀ ରାମ ନବମୀ ଅବସରରେ କାରାଗାର ପରିସରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଗାଡ଼ି ଯାଞ୍ଚ ବେଳେ ୭ ବାଇକ୍ ଜବତ

ମହୁଲଡିହା,୨୭।୩(ସମିସ ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଚିଆଁବେଡା ଛକରେ ଗୁରୁବାର ସନ୍ଧ୍ୟାରେ



ରାଇରଙ୍ଗପୁର ଆରଟିଓ ଓ ମହୁଲଡିହା ଥାନା ପୁଲିସ ପକ୍ଷରୁ ମିଳିତ ଭାବେ ଗାଡି ଚେକିଂ କରିଥିଲେ। ଏହି ସମୟରେ ମଦ ପିଇ ବାଇକ ଚଳାଉଥିବା ୭ଟି ବାଇକର ଚାଳକ ଓ ଗୋଟିଏ ଟ୍ରାକ୍ଟର ଡ୍ରାଇଭର ମଦ ନିଶାରେ ଚୁଙ୍ଗା ଫୁଙ୍କି ପାରିନଥିଲେ। ୭ ଜଣ ବାଇକ ଚାଳକ ଓ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଥାନାକୁ ଡ଼ାକି ପରିବହନ ବିଭାଗ ଟ୍ରାକ୍ଟର ଡ୍ରାଇଭରକୁ ୧୭ ହଜାର ୫୦୦ ଟଙ୍କା ଜୋରିମାନା କରିବା ସହିତ ବାଇକ ଚାଳକଙ୍କ ନାମରେ କେଶ ରୁଜୁ ହୋଇଥିବା ମହୁଲଡିହା ଥାନା ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି।

## ବାଘ ଛାଲ ଜବତ ଘଟଣାରେ ଆଉ ୩ ଗିରଫ

ବାରିପଦା, ୨୭।୩ (ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରୁ ଶିକାର ହୋଇଥିବା ବିରଳ କଳା ମହାବଳ ବାଘର ଛାଲ ଜବତ ହେବା ଘଟଣାରେ ଆଉ ୩ ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଏ ପର୍ଯ୍ୟନ୍ତ ୧୪ ଜଣ ଜେଲ ହାଜତରେ ରହିଛନ୍ତି। ୩ ଅଭିଯୁକ୍ତ ହେଲେ ହାତୀକୁଟ ଗ୍ରାମର ସୋମନାଥ ବିଶ୍ୱାଳ (୩୬), କାଶୀକୁଣ୍ଡଳ ଗ୍ରାମର ବିଜୁ ନାଏକ (୨୮) ଓ କାହ୍ନୁପୁର ଗ୍ରାମର ଅଜିତ ସାହୁ ଓରଫ ଅଜ୍ଜୁ (୨୬)। ଏମାନଙ୍କୁ ତୃତୀୟ ପର୍ଯ୍ୟାୟରେ ଗୁରୁବାର ସନ୍ଧ୍ୟାରେ ବିଚାର ବିଭାଗୀୟ ଅଦାଲତକୁ ପଠାଯାଇଛି। ବାଘ ଶିକାର ଘଟଣାର ମୁଖ୍ୟ ଅଭିଯୁକ୍ତ ଉଦଳା ଥାନା କାଶୀକୁଣ୍ଡଳ ଗ୍ରାମର କାଛୁ ଭକ୍ତାଙ୍କ ବକ୍ତବ୍ୟ ଅନୁଯାୟୀ ବନ୍ଧୁକ ସାହାଯ୍ୟରେ ବାଘ ଶିକାର କରିଥିବାର ସ୍ୱୀକାର କରିଥିଲେ ମଧ ବିଭାଗ ଏ ପର୍ଯ୍ୟନ୍ତ ବନ୍ଧୁକ ଜବତ କରିପାରିନାହିଁ। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବନ ବିଭାଗ ପକ୍ଷରୁ ରିମାଣ୍ଡରେ ଆଣି ପରବର୍ତ୍ତୀ ସମୟରେ ପଚରାଉଚରା କରିବ। ପୂର୍ବରୁ ଗତ ସୋମବାର ପ୍ରଥମ ପର୍ଯ୍ୟାୟରେ ଗିରଫ ୬ ଜଣ ଓ ଗତ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଗିରଫ ୫ ଜଣ ଜେଲ ହାଜତରେ ରହିଛନ୍ତି। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିବାନୁସାରେ ଏହି ବାଘ ଶିକାର ଘଟଣାରେ ଅଧିକ ଅଭିଯୁକ୍ତ ସମ୍ପୃକ୍ତ ଥିବା ନେଇ ମଧ୍ୟ ତଦନ୍ତ ଜାରି ରହିଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ବାଘ ଶିକାର ସମ୍ପର୍କରେ ବିଶଦ ଭାବେ ସୂଚନା ଦିଆଯିବ।

## ଯୁବକଙ୍କ ମୃତ୍ୟୁ

କୁଆମରା,୨୭।୩(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ଗ୍ରାମର ଆଜି ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ମଧୁସୂଦନ ସିଂ (୩୦)। ସେ ଜଣେ ଗାଡ଼ି ଚାଳକ। ଦୁଇ ସପ୍ତାହ ହେବ ଅସୁସ୍ଥତା କାରଣରୁ ସେ ଘରେ ରହି ଚିକିତ୍ସିତ ହେଉଥିଲେ। ଆଜି ହଠାତ୍ ଅବସ୍ଥା ବିଗିଡିବାରୁ ତାଙ୍କୁ କୁଆମରା ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

## ଭେଲିଡେସନକୁ ବିରୋଧ ଓ ଅଷ୍ଟମ ବେତନ କମିଶନକୁ ସ୍ୱାଗତ

ବାରିପଦା, ୨୭।୩(ସମିସ): ବାରିପଦା ପୌରପାଳିକା ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ କମିଟି ବୈଠକ ସଭାନେତ୍ରୀ ଶ୍ରୀମତୀ ତାରାମଣି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୫



ମାର୍ଚ୍ଚରେ ପାରିତ ହୋଇଥିବା ଭେଲିଡେସନ ଆକ୍ଟକୁ ବିରୋଧ କରାଯାଇଛି। ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଦାବି ହୋଇଛି। ଏହି ନିୟମ ଅନୁଯାୟୀ ସରକାର ପେନସନ୍ ପ୍ରଦାନ ନୀତିରେ ପରିବର୍ତ୍ତନ କରି ଏହାକୁ କମାଇ କିମ୍ବା ସଙ୍କୁଚିତ କରିପାରିବେ। ଯାହା ନ୍ୟାୟିକ ଅଭିଯୋଗର ଉର୍ଦ୍ଧ୍ୱରେ ରହିବ। ବୈଠକରେ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଗଠନକୁ ସ୍ୱାଗତ କରାଯାଇଛି। କମିଶନ ରାଜ୍ୟ ଅର୍ଥ ବିଭାଗ ଜରିଆରେ ଯେଉଁ ପରାମର୍ଶ ଓ ୧୮ ବିନ୍ଦୁ ବିଶିଷ୍ଟ ପ୍ରଶ୍ନମାଳା ପଠାଇଛନ୍ତି ସେ ସମ୍ବନ୍ଧରେ ପ୍ରସ୍ତାବ ଓ ଉତ୍ତର ପାରିତ କରି ପଠାଯାଇଛି। କମିଶନ ବିଭିନ୍ନ ସଂଗଠନ ଓ ସର୍ବସାଧାରଣ ଜନତାଙ୍କଠାରୁ ଏ ବିଷୟରେ ପ୍ରସ୍ତାବ ମାଗିଛନ୍ତି। ଏହି ବୈଠକରେ ସାଧାରଣ ସମ୍ପାଦକ ଉଜ୍ଜ୍ୱଳ କୁମାର ବେହେରା ବିବରଣୀ ପ୍ରଦାନ କରିଥିଲେ। ପରାମର୍ଶଦାତା ନନ୍ଦ କୁମାର ମହାପାତ୍ର ଭେଲିଡେସନ ନିୟମ ସମ୍ବନ୍ଧରେ ବୁଝାଇଥିଲେ। କୋଷାଧ୍ୟକ୍ଷ ଅନୁପ କୁମାର ଗିରି ଓ ରାମଚନ୍ଦ୍ର ପଣ୍ଡା, ନୃସିଂହ ବାରିକ, ବିଜୟ ମହାପାତ୍ର, ଜଗନ୍ନାଥ ଆଚାର୍ଯ୍ୟ, ଅଭିମନ୍ୟୁ ବେହେରା, ବିଜୟ ମହାକୁଡ଼, ଦୁର୍ଗାଚରଣ ମୁଖୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶ୍ରମିକ ଚାଲାଣ ରୋକିଲା ପ୍ରଶାସନ

ମହୁଲଡିହା,୨୭।୩(ସମିସ): ତାମିଲନାଡୁରୁ ଶ୍ରମିକ ନେବାକୁ ଆସିଥିବା ବସକୁ ଅଟକାଇଲା ସ୍ଥାନୀୟ ପ୍ରଶାସନ। ଆଜି ୧୧ଟା ସମୟରେ ଶ୍ରମିକଙ୍କୁ ବସାଇ ପେଟ୍ରୋଲ ପମ୍ପରୁ ଠିକ ବସ ଛାଡିବା ସମୟରେ ପହଞ୍ଚିଥିଲେ ବିଡିଓ ସ୍ୱପ୍ନେଶ୍ୱର ବେହେରା। ବିଡିଓ ପହଞ୍ଚିବା ପରେ ଥାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଅନୀତା ସ୍ୱାଇଁ ପୁଲିସ ବାହିନୀ ସହିତ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚି ସମସ୍ତ ଶ୍ରମିକଙ୍କୁ ବସରୁ ଓହ୍ଲାଇଥିଲେ। ବିଡ଼ିଓ ନିଜେ ବସରେ ବସି ଥାନାକୁ ବସ ନେଉଥିବା ଦେଖିବାକୁ ମିଳିଥିଲା। ବସରେ ଥିବା ସମସ୍ତ ଶ୍ରମିକ ଅଣପଞ୍ଜିକୃତ ଥିବା ଜଣାପଡିଥିଲା। ବାହାରକୁ ଯିବାକୁ ଚାହୁଁଥିବା ଶ୍ରମିକ ପ୍ରଥମେ ନିଜକୁ ଶ୍ରମ ବିଭାଗରେ ପଞ୍ଜିକୃତ କରି



ବୈଧ ଭାବେ ବାହାରକୁ ଯିବାକୁ ବିଡ଼ିଓ ପରାମର୍ଶ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରମିକ ରାମନବମୀ କାର୍ଯ୍ୟକ୍ରମରେ ପ୍ରସାଦ ସେବନ କରି ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଜୟଫୁଲ ଟୁରସ ଆଣ୍ଡ ଟ୍ରାଭେଲ୍ସର ବସ୍ ଥାନାରେ ପରିବହନ ବିଭାଗ ଧାର୍ଯ୍ୟ କରିଥିବା ୧୧୬୬୪ ଟଙ୍କା ଜୋରିମାନା ଦେଇ ଅପରାହ୍ନ ୪ଟାରେ ଖାଲି ଗାଡି ନେଇ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡ଼ିଛି।

## ସ୍ୱଧର୍ମକୁ ଫେରିଲେ ୩ ପରିବାରର ୧୨ ସଦସ୍ୟ

ମହୁଲଡିହା,୨୭।୩(ସମିସ): ପବିତ୍ର ଶ୍ରୀରାମ ନବମୀ ଅବସରରେ ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ସାତକୋଶିଆ ଗ୍ରାମ (ନାଳମାଟି ସାହି)ରେ ୩ ପରିବାରରୁ ୧୨ ଜଣ ସଦସ୍ୟ ଖ୍ରୀଷ୍ଟଧର୍ମ ଛାଡି ହିନ୍ଦୁଧର୍ମକୁ ଫେରିଥିବା ଜଣାପଡ଼ିଛି। ଧର୍ମ ଜାଗରଣ ସମିତି ସଂଯୋଜନା ଓ ଗ୍ରାମବାସୀଙ୍କ ସହଯୋଗରେ ୧୫/୧୬ ବର୍ଷ ପୂର୍ବେ ସ୍ୱଧର୍ମ ଛାଡି ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିବା ଗୃହକର୍ତ୍ତାଙ୍କ ସହ ପରିବାରର ୧୨ ସଦସ୍ୟ ସ୍ୱଇଚ୍ଛାରେ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି। ଘର ବାହୁଡ଼ା ସଦସ୍ୟ ହେଲେ ଗୃହକର୍ତ୍ତା ସ୍ୱର୍ଗତ ବନମାଳୀ ମହାକୁଡ଼ଙ୍କ ସ୍ତ୍ରୀ ରେବତୀ ମହାକୁଡ଼ (୫୫), ଦୁଇ ପୁଅ ସନାତନ (୧୯) ଓ ରଘୁନାଥ (୧୨), ନାତୁଣୀ ଗୀତାଞ୍ଜଳି (୧୧), ଲକ୍ଷ୍ମୀ (୯), ସରସ୍ୱତୀ (୫), ଗୃହକର୍ତ୍ତା ଗିନ୍ଦା ମହାକୁଡ଼ (୪୦), ସ୍ତ୍ରୀ ବୁଦୁନୀ (୩୫), ପୁଅଝିଅ ସୁମିତ୍ରା (୧୨) ଓ ସୁକୁରା (୯), ଗୃହକର୍ତ୍ତା ଶ୍ରୀଧର ମହାକୁଡ଼ (୪୫) ଓ ନାତୁଣୀ ସଲମା(୪)। ରେବତୀଙ୍କ ଝିଅ କାଇରୀ ଦ୍ୱିତୀୟ ସ୍ୱାମୀ ଗ୍ରହଣ ପରେ ତିନି ନାତୁଣୀ ଆଇ ରେବତୀଙ୍କ ପାଖରେ ଅଛନ୍ତି। ସେହିପରି ଶ୍ରୀଧରଙ୍କ ପରିବାରରେ ମାଆ ଅନ୍ୟତ୍ର ବିବାହ କରିବାରୁ ନାତୁଣୀ ତାଙ୍କ ପାଖରେ ଅଛି। ଆଜି ପବିତ୍ର ରାମନବମୀ ଅବସରରେ ସ୍ଥାନୀୟ ଗ୍ରାମର ମୁଖିଆ ମାର୍କଣ୍ଡ ଆଙ୍ଗାରାଇ ସମ୍ପର୍କ କରି ମାଜୁରା ଲେୟାଙ୍ଗି, ଅଜୟ କୁମାର ନାୟକ, ଶିବ ନାୟକ, କୁସୁନୁ ସାମାଡ, ବିରେନ୍ଦ୍ର ସମାଡ, ରସାନନ୍ଦ ଜାରିକା ପ୍ରମୁଖଙ୍କ ଉପସ୍ଥିତିରେ ଗ୍ରାମ ଦେହୁରୀ ସଦାନନ୍ଦ ବଦରାଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ସମସ୍ତ ସଦସ୍ୟଙ୍କୁ ଆପଣେଇ ନେଇଥିଲେ।

● ମୟୂରଭଞ୍ଜ ଜିଲ୍ଲାରେ ପୁଲିସ୍‌ର ନାକା ଯାଞ୍ଚ

## ୩୧୨ ଯାନବାହନ ତନଖି, ୪ ଲକ୍ଷ ଟଙ୍କା ଜରିମାନା ଆଦାୟ

ବାରିପଦା, ୨୭।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ସମସ୍ତ ପୁଲିସ୍ ଷ୍ଟେସନ ପକ୍ଷରୁ ଶ୍ରୀରାମ ନବମୀ ପୂର୍ବ ରାତି ୭ଟାରୁ ୧୧ଟା ପର୍ଯ୍ୟନ୍ତ ନାକା/ବ୍ଲକିଂ ଯାଞ୍ଚ କରାଯାଇଛି। ଟ୍ରାଫିକ୍ ନିୟମ କଡ଼ାକଡ଼ି ଭାବେ ଲାଗୁ କରିବା, ଗୋରୁ ଓ ଖଣିଜ ସାମଗ୍ରୀର ଅବୈଧ ପରିବହନ ରୋକିବା, ମଦ ଓ ନାରକୋଟିକ୍ସ କେସ୍ ଚେକ୍ କରିବା, ଅସାମାଜିକ ତତ୍ପରତା ରୋକିବା ଉଦ୍ଦେଶ୍ୟରେ ଏହି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଜିଲ୍ଲାର ବିଭିନ୍ନ ପୁଲିସ୍ ଷ୍ଟେସନ୍ ମୋଟ ୩୧୨ଟି ଯାନବାହନ ତନଖି କରିଥିଲେ। ଏଥିରୁ ବାଇକ ଚାଳକଙ୍କୁ ଟ୍ରାଫିକ୍ ନିୟମ ଉଲ୍ଲଘଂନ ପାଇଁ ୪ ଲକ୍ଷ ୫ ହଜାର ୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏହି ଅଭିଯାନରେ ମୋଟ ୧୧ଟି ମଦପିଇ ଗାଡି ଚାଳନା କେସ୍ ରୁଜୁ କରାଯାଇଛି। ଏଥିସହିତ ୫ଟି ଅବକାରୀ ମାମଲା ରୁଜୁ ହୋଇଛି। ଯେଉଁଥିରେ ୩୫ ଲିଟର ଦେଶୀ ମଦ ଓ ୭.୫୩୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର୍‌କୁ ଜବତ କରାଯାଇଛି। ଏହାଦ୍ୱାରା ଟ୍ରାଫିକ୍ ଶୃଙ୍ଖଳା ବଜାୟ ରଖିବା ସହିତ ଅବୈଧ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଜଣାଇଛନ୍ତି।

# ବାସନ୍ତିକ ଦୁର୍ଗାପୂଜା ପାଇଁ ବାରିପଦା ଉତ୍ସବ ମୁଖର

ବାରିପଦା, ୨୭।୩(ସମିସ):

ବାସନ୍ତିକ ଦୁର୍ଗାପୂଜା ପାଇଁ ସବୁଆଡ଼େ ଉତ୍ସବର ବାତାବରଣ। ମଙ୍ଗଳବାର ବିଲ୍ୱାଧିବାସ ପରେ ବୁଧବାର ମା'ଙ୍କ ସପ୍ତମୀ ପୂଜା, ଗୁରୁବାର ମହାଷ୍ଟମୀ ପୂଜା ଓ ଶୁକ୍ରବାର ନବମୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଶନିବାର ଦଶମୀ ପୂଜା ପରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ। ମଣ୍ଡପ ପୂଜା ସମେତ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ପୀଠରେ ନବରାତ୍ରଠାରୁ ପୂଜାର୍ଚ୍ଚନା ହେଉଛି। ସହରର ବାଘରାରୋଡ, ଶୁନଗଡ଼ିଆ ଓ ପାଲବଣୀ ପୂଜା କମିଟି ପକ୍ଷରୁ ମୂର୍ତ୍ତି ପୂଜା ହୋଇଛି। ତେବେ ସହରର ବାଘଡ଼ାରୋଡ଼ ମା' ବାସନ୍ତୀଙ୍କ ମେଢ଼ ପୂଜା ଚଳିତ ଥର ୧୪ ବର୍ଷରେ ପହଞ୍ଚିଥିବାବେଳେ ମହାଆଡ଼ମ୍ବର ସହିତ ଏହି ପୂଜା ଅନୁଷ୍ଠିତ ହେଉଛି। ୨୦୧୩ରେ ମୂର୍ତ୍ତି କାରିଗର ଶୋଭାକାର ବେହେରାଙ୍କ ପ୍ରଚେଷ୍ଟାରେ ବାଘଡ଼ାରୋଡ଼



ମା' ବାସନ୍ତି ଦୁର୍ଗାପୂଜା କମିଟି ଗଠନ ପୂର୍ବକ ଆରମ୍ଭ ହୋଇଥିଲା। ସେବେଠାରୁ ଅଧାବଧି ନିରବଚ୍ଛିନ୍ନ ଭାବରେ ପୂଜା ଚାଲିଛି। ବର୍ତ୍ତମାନ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଭାବେ ହିମାଂଶୁ ମହାନ୍ତି, ସଦସ୍ୟ ପ୍ରଦୀପ ଆଚାର୍ଯ୍ୟ, ଅସୀମ ଚକ୍ରବର୍ତ୍ତୀ ଓ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ନିଜସ୍ୱ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି। ଚଳିତ ଥର ପୂଜା ମଣ୍ଡପ ସାଜସଜ୍ଜା ଆକର୍ଷଣୀୟ ହୋଇଛି। ବୁଢ଼ାବଳଙ୍ଗ ନଦୀର ବୁଢ଼ାରାଉଳ ମଠ ଘାଟରୁ ଶୋଭାଯାତ୍ରାରେ ଘଟ ଅଣାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଛି। ସନ୍ଧ୍ୟା ଆଳତୀ ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଦଶମୀରେ ମା'ଙ୍କ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଶତାଧିକ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରି ପୁଷ୍ପାଞ୍ଜଳି ଅର୍ପଣ କରିଛନ୍ତି। ସେହିପରି ଅନ୍ୟତମ ସର୍ବପୁରାତନ ଶୁନଗଡ଼ିଆ ପୂଜା କମିଟିର ୭୩ ବର୍ଷର ପୂଜା ଅନୁଷ୍ଠିତ ହୋଇଛି। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। କମିଟିର ସମସ୍ତ ସଦସ୍ୟ ପୂଜା ଆୟୋଜନରେ ସହଯୋଗ କରୁଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ପାଲବଣିସ୍ଥ ବାସନ୍ତୀ ପୂଜା ଚଳିତ ଥର ୨୪ ବର୍ଷ ପହଞ୍ଚିଛି। ଗତ ୨୦୦୨ରେ ସ୍ୱର୍ଗତ ରଞ୍ଜିତ ମହାପାତ୍ର, ସମରେନ୍ଦ୍ର ଦାଶ, ନବକୁମାର ଦାଶ, ସମରେନ୍ଦ୍ର ପାତ୍ର, ସମୀର କୁଅଁରବାବୁ ଓ ରବୀନ୍ଦ୍ର ଜେନାଙ୍କ ଉଦ୍ୟମରେ ବାରିପଦା ବ୍ଲକ ଛକ ନିକଟ ୧୮ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଏହି ମେଢ଼ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ମହିଳା ସଦସ୍ୟାଙ୍କ ଦ୍ୱାରା ପରିଚାଳିତ ହେଉଛି। ଅପରପକ୍ଷରେ ମଧୁବନ ମା' ଭୈରବୀ ମନ୍ଦିରରରେ ତିନିଦିନ ଧରି ବାସନ୍ତୀ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଶୁକ୍ରବାର ସହସ୍ରାଧିକ ଶ୍ରଦ୍ଧାଳୁ ଦହି ପଖାଳ ପ୍ରସାଦ ସେବନ କରିଛନ୍ତି।

## ହୋଇନି ବୈଶାଖ ମାସ

# ବାରିପଦାରେ ତୀବ୍ର ହେଲାଣି ଜଳକଷ୍ଟ

ବାରିପଦା, ୨୭ ।୩(ସମିସ): ବୈଶାଖ ମାସ ଏ ପର୍ଯ୍ୟନ୍ତ ହୋଇନି, କିନ୍ତୁ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦାରେ ଜଳକଷ୍ଟ ତୀବ୍ରରୂପ ଧାରଣ କରିଛି । ଭୂତଳ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଥିବାବେଳେ ଅନେକ ଗଭୀର ନଳକୂପ କାମ କରୁନାହିଁ । ସହରର ବାସିନ୍ଦା ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି । ଯାହା ଦୈନନ୍ଦିନ ଜୀବନଯାତ୍ରାକୁ ପ୍ରଭାବିତ କରୁଛି ।

### ■ ଖସୁଛି ଭୂତଳ ଜଳ, କାମ କରୁନି ଗଭୀର ନଳକୂପ

ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ସମସ୍ୟା ଗ୍ରୀଷ୍ମକାଳ ପୂର୍ବରୁ ହିଁ ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଛି । ବାରିପଦା ସହର ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ । ଏହି ନଦୀର ଜଳପ୍ରବାହ ଉପରେ ସହରର ଜଳଯୋଗାଣ ନିର୍ଭର କରୁଛି । କିନ୍ତୁ ଚଳିତ ବର୍ଷ ଫେବୃଆରୀରେ ନଦୀର ଜଳପ୍ରବାହ ଅତ୍ୟନ୍ତ କମ୍ ହୋଇଛି । ବାରିପଦା ନିକଟରେ ନଦୀର ସ୍ୱାଭାବିକ ପ୍ରବାହ ଏ ସମୟରେ ପ୍ରାୟ ୨୦୦ କ୍ୟୁସେକ୍ ଥିବାବେଳେ ତାହା ୫୦ କ୍ୟୁସେକ୍‌ରୁ କମ୍ ହୋଇଛି । ଗତବର୍ଷର ଏହି ସମୟରେ ଥିବା ପ୍ରବାହର ପ୍ରାୟ ୭୫ ପ୍ରତିଶତ କମ୍ । ଏହି ହ୍ରାସ ମୁଖ୍ୟତଃ କମ୍ ବର୍ଷା ଓ ଅତ୍ୟଧିକ ବାଷ୍ପୀକରଣ ଯୋଗୁଁ ହୋଇଛି । ଶିମିଳିପାଳ ପର୍ବତମାଳାରୁ ଉତ୍ପନ୍ନ ହୋଇଥିବା ଏହି ନଦୀର କ୍ୟାଚ୍‌ମେଣ୍ଟ ଏରିଆ ୪, ୮୪୦ ବର୍ଗ କିଲୋମିଟର, ଯାହା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶୁଛି । ଚୋରା ବାଲି ଚାଲାଣ ଯୋଗୁଁ ନଦୀ ପ୍ରବାହ ଧୀମା ହୋଇଥିବାବେଳେ ନଦୀରୁ ପାଣି ଶୁଖିବା ଆରମ୍ଭ ହୋଇଛି ।

ଅନ୍ୟପକ୍ଷରେ ଭୂତଳ ଜଳ ସ୍ଥିତି ଆହୁରି ଚିନ୍ତାଜନକ ଭାବେ ହ୍ରାସ ପାଇବା ବାରିପଦା ପାଇଁ ସତର୍କ ଘଣ୍ଟି



ଆଣିଛି । ମୟୂରଭଞ୍ଜ ଜିଲ୍ଲାର ବାରପଦାରେ ଭୂତଳ ଜଳ ପ୍ରତିବର୍ଷା ବର୍ଷାଦିନେ ପୁନଃଭରଣ ପ୍ରକ୍ରିୟା ଯୋଗୁଁ ୩୭୧ କୋଟି ଘନ ମିଟର ଭୂତଳକୁ ଯାଇଥାଏ । ସହରବାସୀ ମୁଖ୍ୟତଃ କୃଷି, ପାନୀୟ ଜଳ, ଶିଳ୍ପ ଆଦି ପାଇଁ ପ୍ରତି ବର୍ଷ ପ୍ରାୟ ୧୭୪.୫୫ କୋଟି ଘନ ମିଟର ମାଟିରୁ ଜଳ ସଂଗ୍ରହ କରିଥା'ନ୍ତି । କିନ୍ତୁ ପୁନଃବ୍ୟହାର ନ ହୋଇ ସମୁଦ୍ରକୁ ଫେରିଯାଏ । ପ୍ରାୟ ୧୯୬.୪୫ କୋଟି ଘନ ମିଟର ଜଳ ମୌସୁମୀ ଆସିବା ଯାଏ ବ୍ୟବହାର ହୋଇଥାଏ । କିନ୍ତୁ ବାରିପଦାରେ ଦୈନିକ ୧.୫ କୋଟି ଲିଟର୍ ପାନୀୟ ଜଳ ବ୍ୟବହାର ହେଉଥିବାବେଳେ ଗ୍ରୀଷ୍ମଦିନେ ଏହା ୫ ପ୍ରତିଶତ ବୃଦ୍ଧି ଘଟିଥାଏ । ଏହି ହ୍ରାସ ଯୋଗୁଁ ଅନେକ ଗଭୀର ନଳକୂପର ଉତ୍ପାଦନ କ୍ଷମତା ୭ରୁ ୩୯ କ୍ୟୁବିକ୍ ମିଟର ପ୍ରତି ଘଣ୍ଟାରୁ କମି ୫ରୁ ୧୦ କ୍ୟୁବିକ୍ ମିଟର ପ୍ରତି ଘଣ୍ଟାକୁ ହ୍ରାସ ପାଇଛି । ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି, ବାରିପଦାରେ ଦିନକୁ ଦିନ ପାଇପ୍ ଜଳଯୋଗାଣ ଅନିୟମିତ ଓ ଅପର୍ଯ୍ୟାପ୍ତ ହେଉଛି । ୱାଟକୋ ଦ୍ୱାରା ପରିଚାଳିତ ପୁରୁଣା ପମ୍ପ ହାଉସ୍ ବର୍ଦ୍ଧିତ ଚାହିଦା ପୂରଣ କରିପାରୁନାହିଁ । ଜମ୍ବୀରା ପ୍ରକଳ୍ପ ଭଳି ଯୋଜନାର କାର୍ଯ୍ୟାନ୍ୱୟନ ବିଳମ୍ବିତ ହୋଇଛି । ଗ୍ରାମାଞ୍ଚଳରେ ଲୋକମାନେ ଦୂଷିତ ନଦୀ ଜଳ ଉପରେ ନିର୍ଭର କରୁଛନ୍ତି, ଯାହା ରୋଗ ସୃଷ୍ଟି କରୁଛି । ଗତ କିଛି ମାସରେ ଜଳଜନିତ ରୋଗର ମାମଲା ବଢ଼ିଛି ବୋଲି ସେ କହିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆରଡବ୍ଲୁଏସଏସ ଓ ୱାଟ୍‌କୋ ପକ୍ଷରୁ ଫେବୃଆରୀ ୨୦ ସୁଦ୍ଧା ସମସ୍ତ ଅସମ୍ପୂର୍ଣ୍ଣ ଜଳଯୋଗାଣ ପ୍ରକଳ୍ପ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛି । ବାରିପଦା ଡିଭିଜନ୍‌ରେ ୧୪ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୯ଟି ଏବେ ବି ନିର୍ମାଣାଧୀନ ରହିଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ ଗ୍ରୀଷ୍ମକାଳରେ ନିରବଚ୍ଛିନ୍ନ ଜଳଯୋଗାଣ ପାଇଁ ପ୍ରାଥମିକତା ଦିଆଯାଉଛି । କିନ୍ତୁ ବିଶେଷଜ୍ଞମାନେ ଚେତାବନୀ ଦେଉଛନ୍ତି ଯେ ଯଦି ଭୂତଳ ଜଳର ହ୍ରାସ ଜାରି ରହିଲା, ତେବେ ଏହା କୃଷି ଓ ସାଧାରଣ ଜନତାକୁ ପ୍ରଭାବିତ କରିବ । ମୟୂରଭଞ୍ଜରେ ଭୂତଳ ଜଳ ବିକାଶ କେବଳ ୨୭.୨୧ ପ୍ରତିଶତ, କିନ୍ତୁ ସୀମିତ ସମ୍ଭାବନା ଯୋଗୁଁ ଆହୁରି ସମସ୍ୟା ବଢ଼ିପାରେ । ସ୍ଥାନୀୟ କର୍ତ୍ତୃପକ୍ଷ ଲୋକଙ୍କୁ ଜଳ ସଂରକ୍ଷଣ ପାଇଁ ସଚେତନ କରୁଛନ୍ତି ଓ ବର୍ଷାଜଳ ସଂଗ୍ରହ ପ୍ରଣାଳୀର ପ୍ରୋତ୍ସାହନ ଦେଉଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଓ ସ୍ଥାନୀୟ ସଂଗଠନର ମିଳିତ ଉଦ୍ୟମ ଆବଶ୍ୟକ ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

## ବାରିପଦାରେ 'ଆନନ୍ଦ ଭୋଜନ' କାର୍ଯ୍ୟକ୍ରମ




ବାରିପଦା,୨୭ ।୩(ସମିସ): ସମାଜସେବାରେ ଏକ ସ୍ମରଣୀୟ ପଦକ୍ଷେପ ଭାବେ 'ଆନନ୍ଦ ଭୋଜନ' କାର୍ଯ୍ୟକ୍ରମ ଶୁକ୍ରବାର ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ନିକଟରେ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କ ସହଯୋଗୀ ଓ ଅବହେଳିତ ବର୍ଗର ଲୋକଙ୍କୁ ସ୍ନେହ ଓ ସମ୍ମାନର ସହ ଖାଦ୍ୟ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ହୋପ୍ସ ଟ୍ରଷ୍ଟର ଅଧ୍ୟକ୍ଷ ତାପସ କୁମାର ନାୟକଙ୍କ ନେତୃତ୍ୱ ଓ ମ୍ୟାନେଜିଂ ଟ୍ରଷ୍ଟି ଜୟଶ୍ରୀ ଜେନାଙ୍କ ସକ୍ରିୟ ପରିଚାଳନା ଓ ନିର୍ଦ୍ଦେଶନାରେ ସୂଚାରୁରୂପେ ସମ୍ପନ୍ନ ହୋଇଛି । ଏ ଅବସରରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ରେଡ୍‌କ୍ରସର ଆଜୀବନ ସଦସ୍ୟ ଅମର ସେଠୀ, ସମାଜସେବୀ ପ୍ରଶାନ୍ତ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଓ ବହୁ ସଚେତନ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ହୋପ୍ସ ଟ୍ରଷ୍ଟର ଅନେକ ଯୁବ ସ୍ୱେଚ୍ଛାସେବୀ ଓ କର୍ମକର୍ତ୍ତା ନିଜ ଭୂମିକା ପାଳନ କରିଥିଲେ । ଟ୍ରଷ୍ଟି ରାଜେଶ କୁମାର ନାୟକ, ସୁବ୍ରତ ଜେନା ଓ ଦୀପଙ୍କର ପରିଡ଼ା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଭୀମତାଳି ରାମ ମନ୍ଦିରରେ ଶ୍ରୀରାମ ନବମୀ

ଉଦଳା, ୨୭।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଭୀମତାଳିଠାରେ ଥିବା ରାମ ମନ୍ଦିରରେ ରାମ ନବମୀ ପୂଜା ଅନୁଷ୍ଠିତ ହୋଇଛି । ସକାଳୁ ନିକଟସ୍ଥ ନଦୀରୁ ୪୦୦ରୁ ଊର୍ଦ୍ଧ୍ୱ ବ୍ରତଧାରୀ କଳସ ଯାତ୍ରାରେ ସାମିଲ ହୋଇଥିଲେ ଓ କଳସ ନେଇ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ପରେ ମନ୍ଦିରରେ ଯଥା ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା । ମନ୍ତ୍ର ପାଠ ଓ ହୋମ ଯଜ୍ଞରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥଲା । ମନ୍ଦିର ଭ୍ରମଣ ଓ ରାମ ଲାଲାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା ।

## ବାରିପଦା ଡିଗ୍ରୀ କଲେଜରେ ସ୍ୱୟଂରକ୍ଷା ସଚେତନତା

ବାରିପଦା, ୨୭ ।୩(ସମିସ): ବାରିପଦା ଡିଗ୍ରୀ କଲେଜରେ ଶକ୍ତିଶ୍ରୀ ସେଲ୍‌ଫ ଦ୍ୱାରା ଛାତ୍ରୀଙ୍କ ପାଇଁ 'ସ୍ୱୟଂରକ୍ଷା ସଚେତନତା ଓ ସମଗ୍ର ସଶକ୍ତିକରଣ' ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ ଅଧ୍ୟକ୍ଷତା କରିଥିଲେ । ଶକ୍ତିଶ୍ରୀ ସେଲ୍‌ଫର ସମନ୍ୱୟକାରୀ ଡଃ ସସ୍ମିତା ମହାନ୍ତି କାର୍ଯ୍ୟକ୍ରମକୁ ସମ୍ଭାଳିତ କରିଥିଲେ । ମୁଖ୍ୟଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ରିଡର ଡଃ ଉଷା ଶତପଥୀ ଯୋଗଦେଇ ଛାତ୍ରୀଙ୍କୁ ସ୍ୱୟଂରକ୍ଷାର ଆବଶ୍ୟକତା ଓ ଆତ୍ମବିଶ୍ୱାସର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପ୍ରଣତୀ ଦାଶ ଯୋଗଦେଇ ନାରୀ ସଶକ୍ତିକରଣ ଓ ସମାଜରେ ତାଙ୍କ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ । ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଆମରା କଲେଜରେ ଓଡ଼ିଆ ପକ୍ଷ ପାଳିତ

କୁଆମରା, ୨୭ ।୩(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି । କଲେଜ ପରିସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ସୁବଳ ଦାସ, ଅଧ୍ୟାପକ ପ୍ରଭାତ ସେନାପତି, ବିଶ୍ୱନାଥ ବେହେରା, ପ୍ରଦୀପ ପଣ୍ଡା, ଅଶ୍ୱନୀ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡ଼ିଆ ପକ୍ଷ ପାଳନର ଉଦ୍ଦେଶ୍ୟ ନେଇ ବକ୍ତବ୍ୟ ରଖିଥିଲେ । ପରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ, କବିତା ଓ ଗଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରବନ୍ଧରେ ଓଡ଼ିଆ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ପୂଜା ସିଂ, କବିତାରେ ଜ୍ୟୋତି ସ୍ମିତା ବେହେରା ଓ ଗଳ୍ପରେ ପ୍ରଥମ ବର୍ଷର ଛାତ୍ରୀ ବିଜୟଲକ୍ଷ୍ମୀ ପ୍ରଧାନ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ପ୍ରତିଯୋଗିତାକୁ ଅଧ୍ୟାପକ ଅବନୀ ମହାନ୍ତି, ଓଡ଼ିଆ ବିଭାଗ ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ ଓ ନମିତା ପ୍ରଧାନ ପରିଚାଳନା କରିଥିଲେ ।

## ମୟୂର ସାହିତ୍ୟ ସଂସଦ ବାର୍ଷିକ ଅଧିବେଶନ ପ୍ରସ୍ତୁତି ବୈଠକ




ବେତନଟୀ, ୨୭ ।୩(ସମିସ): ବେତନଟୀର ପୁରାତନ ସାହିତ୍ୟାନୁଷ୍ଠାନ 'ମୟୂର ସାହିତ୍ୟ ସଂସଦ' ପକ୍ଷରୁ ଉତ୍କଳ ଦିବସ ପାଳନ ସହ ସଂସଦର ବାର୍ଷିକ ଅଧିବେଶନ ପାଳନ କରାଯିବ । କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି । ଆଗାମୀ ମଇ ୩ ତାରିଖ ରବିବାରରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ବାଲେଶ୍ୱରରୁ ଦୁଇଜଣ ପ୍ରଖ୍ୟାତ ସାହିତ୍ୟିକ ଏଥିରେ ଯୋଗ ଦେବାକୁ ସମ୍ମତି ଜଣାଇବା ସହ ଦୁଇଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ । ପ୍ରତ୍ୟେକ ବର୍ଷ ଭଳି ସଂସଦର ମୁଖପତ୍ର 'ବନ ମୟୂରୀ'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ ହେବ । ଏଥିନିମନ୍ତେ ଆସନ୍ତା ମାସ ୧୦ ତାରିଖ ସୁଦ୍ଧା କବି, ଲେଖକଙ୍କଠାରୁ କ୍ଷୁଦ୍ରଗଳ୍ପ, କବିତା ଆହ୍ୱାନ କରାଯାଉଛି । ବୈଠକରେ ଉପସଭାପତି ଗୌତମ ଚନ୍ଦ୍ର ବେହେରା, ବନ ମୟୁରୀ ସମ୍ପାଦକ ନୀରଦସୁନ୍ଦର ଜେନା, ସହସମ୍ପାଦକ ସହଦେବ ଗିରି ଓ ରବୀନ୍ଦ୍ର ନାଥ ଖଟୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୨୭।୩(ସମିସ): ବେଆଇନ ବାଲି ଚୋରା ଚାଲାଣ ବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ ମାଇନିଂ ବିଭାଗ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି । ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି । ଯାହାକୁ ନେଇ ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ମନୋଜ ମୁଣ୍ଡା ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି । ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ଚାନ୍ଦଡ଼ିହି ଗ୍ରାମ ନିକଟରେ ଚଢ଼ଉ କରିଥିଲେ । ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲେ । ବାଲି ଚୋରା ଚାଲାଣ କରୁଥିବା ଜାଣିବା ପରେ ଗାଡ଼ିକୁ ଜବତ କରିଥିଲେ । ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## କପ୍ତିପଦା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



କପ୍ତିପଦା, ୨୭।୩(ସମିସ): କପ୍ତିପଦା ସଦର ଅଧୀନସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଶ୍ରୀ ବେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ମିଶ୍ର ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରଧାନଶିକ୍ଷକ ଗୋଲକ ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପ୍ରତାପ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ଭାସ୍କର ବାରିକ, କପ୍ତିପଦା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ସାଏ, ଶିକ୍ଷା କମିଟି ଚେୟାରମ୍ୟାନ ରଞ୍ଜନ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ନାୟକ, ଗୋଠପୁରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ । କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶିକ୍ଷକ ସୁଶାନ୍ତ ନାୟକ, ଶିକ୍ଷୟିତ୍ରୀ ମମତା ମହାପାତ୍ର, ଆରତୀ ପରିଡ଼ା, ଅଯୋଧ୍ୟା ଦାସ, ଶିକ୍ଷା କମିଟି ସଦସ୍ୟ ପଙ୍କଜ ଦାସ, ମନୋଜ ଦାସ, ସଦସ୍ୟା କବିତା ମହାପାତ୍ର, ମଧୁସ୍ମିତା ବେହେରା, ବାସନ୍ତୀ ନାଏକ ପ୍ରମୁଖ ସହଯୋଗ କରିଥଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଆଦର୍ଶ ଶିକ୍ଷକ ସନ୍ତୋଷ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୋଲଗଡ଼ିଆ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବ ମଣ୍ଡଳୀ ବିକାଶ କାର୍ଯ୍ୟକ୍ରମ




ବାରିପଦା, ୨୭ ।୩(ସମିସ): ନୟାପୁରୁଷୋତ୍ତମଠାରେ ମୋ ଯୁବ ଭାରତ ପକ୍ଷରୁ ଯୁବ ମଣ୍ଡଳୀ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରତ ସରକାରଙ୍କ ଯୋଜନା ଅନୁଯାୟୀ ସମସ୍ତ ବାରିପଦା ବ୍ଲକ ଅନ୍ତର୍ଗତ ଯୁବ ମଣ୍ଡଳୀ କିପରି ଭାବେ ଭାରତ ସରକାରଙ୍କ ମୋ ଭାରତ ସହିତ ଯୋଡ଼ି ହେବେ, ସେ ନେଇ ଆଲୋଚନା ହୋଇଥିଲା । ଏଥିରେ 'ମୋ ଭାରତ' କାର୍ଯ୍ୟାଳୟ ସହଯୋଗୀ ସାଇ ରଞ୍ଜନ ଲେଙ୍କା ଯୁବ ମଣ୍ଡଳୀ ଲକ୍ଷ୍ୟ ଓ ନିୟମ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ ବୁଢୀଖମାରି ସରପଞ୍ଚ ଦାଣ୍ଡୁ ମୁର୍ମୁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟ ମାନମଥ ସିଂ, ୱାର୍ଡ ମେମ୍ବର ମାଙ୍ଗାତ ସୋରେନ ଯୋଗ ଦେଇଥିଲେ । ପୂର୍ବତନ ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ କ୍ଷୀରୋଦ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଝାଡ଼ଘୋଷଦା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖିଚିଂ, ୨୭ ।୩(ସମିସ): ଶୁକ୍ଳି ବ୍ଲକ ଅନ୍ତର୍ଗତ ଝାଡ଼ଘୋଷଦା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପଲ୍ଲବୀ' ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମୋହିନୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନୟନତାରା ମହାନ୍ତ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ହଳଦିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କେଦାର ଭୋଇ, ସାରୁବିଲ୍ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବନମାଳୀ ନାଏକ ଓ ଅବସରପ୍ରାପ୍ତ ସୈନିକ ଶିବ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ବିଦ୍ୟାଳୟ ଶିକ୍ଷା ସହ ସଂସ୍କାର ଲାଭ କରିବା ଆବଶ୍ୟକ ବୋଲି ମତ ରଖିଥିଲେ । ପ୍ରଧାନଶିକ୍ଷକ ଶ୍ରୀ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଜଗଦୀଶ ନାଏକ, ଶିକ୍ଷୟିତ୍ରୀ ନମ୍ରତା ପ୍ରିୟଦର୍ଶିନୀ, ଝୁନିରାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଶ୍ୱବିଦ୍ୟାଳୟସ୍ତରୀୟ ମୁଟ୍ କୋର୍ଟ ପ୍ରତିଯୋଗିତା

# ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ସଫଳତା

ବାରିପଦା, ୨୭ ।୩(ସମିସ): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ଆଇନ୍ ମହାବିଦ୍ୟାଳୟଙ୍କ ମଧ୍ୟରେ ପ୍ରଥମଥର ଏକ ଆନ୍ତଃ ମୁଟ୍ କୋର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ମୟୂରଭଞ୍ଜ ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରଞ୍ଜନ୍ କୁମାର ତରାଇଙ୍କ ନିର୍ଦ୍ଦେଶାନୁଯାୟୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର୍ ଜୟଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଦଳ ଉକ୍ତ ଆନ୍ତଃ ମୁଟ୍ କୋର୍ଟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି । ଦ୍ୱିତୀୟ ବର୍ଷର ଛାତ୍ରୀ ଦେବସ୍ମିତା ଦଳବେହେରା 'ବେଷ୍ଟ ରିସର୍ଚ୍ଚର' ପୁରସ୍କାର ଜିତି ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ତାଙ୍କର ଗଭୀର ଗବେଷଣା ଓ କାନୁନ ବିଷୟରେ ଦକ୍ଷତା ଏହି ସମ୍ମାନ ପାଇବାରେ ସହାୟକ ହୋଇଛି । ଏହି ପ୍ରତିଯୋଗିତାରେ ଆଶିଷ ବେହେରା ଓ ଜ୍ୟୋତିର୍ମୟୀ ସ୍ପିକର ଭାବେ ଦଳକୁ ସୁନ୍ଦର ଭାବେ ପ୍ରତିନିଧିତ୍ୱ କରିଥିଲେ । ତାଙ୍କର ଯୁକ୍ତିପୂର୍ଣ୍ଣ ଉପସ୍ଥାପନା ଓ ଆତ୍ମବିଶ୍ୱାସ ନ୍ୟାୟାଧୀଶଙ୍କୁ ଆକର୍ଷିତ କରିଥିଲା ।



ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ଡଃ ତରାଇ ମ୍ରିନ ଓ ପୁଷ୍ପଗୁଚ୍ଛ ସହିତ ଏହି ସଫଳତାର ସ୍ୱାଗତ ସମ୍ବର୍ଦ୍ଧନା କରି କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହା ଆଗାମୀ ଦିନରେ ପ୍ରେରଣାର ଉତ୍ସ ହେବ ବୋଲି ମତବ୍ୟକ୍ତ କରିଥିଲେ ।

## ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ ସଚେତନତା

ବାରିପଦା, ୨୭ ।୩(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ କ୍ଲବ ସଭାଗୃହରେ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଦେବଶ୍ୱରୀ ବ୍ରହ୍ମା, ରାଜ୍ୟ ପ୍ରତିନିଧି, ହେଲ୍ପ ଏଜ ଇଣ୍ଡିଆ, ଡ. ଶ୍ୟାମସୁନ୍ଦର ଦାସ, ପ୍ରତିନିଧି, ବରିଷ୍ଠ ନାଗରିକ ସଂଘ, ଫକିର ସିଂ, ସରପଞ୍ଚ, ଲକ୍ଷ୍ମୀପୋସୀ ପଞ୍ଚାୟତ, ବିଜୟ ବେହେରା, ସମ୍ପାଦକ, ଆରଡିଏସି, ଗୋପୀନାଥ ସୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ବିଭିନ୍ନ ବରିଷ୍ଠ ନାଗରିକ ସଂଘର ସମ୍ପାଦକ, ସଭାପତି, ସଦସ୍ୟ, ବିଭିନ୍ନ ବ୍ଲକର ପଞ୍ଚାୟତ ସମିତି ସଭ୍ୟସଭ୍ୟା, ବିଭିନ୍ନ ବ୍ଲକ ଓ ଜିଲ୍ଲା ଅଫିସର ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, ପ୍ରୋଗ୍ରାମ ସହାୟକ ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ହେଲ୍ପ ଏଜ ଇଣ୍ଡିଆ ପ୍ରତିନିଧି ଦେବଶ୍ୱରୀ ବ୍ରହ୍ମ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ ବିଷୟରେ ସବିଶେଷ ନିୟମାବଳୀ ଉପସ୍ଥାପନା କରିଥିଲେ । ଏଥିସହିତ ସମସ୍ତ ବରିଷ୍ଠ ନାଗରିକ ସଂଘ ପ୍ରତିନିଧି ଓ ସଦସ୍ୟ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଚିକିତ୍ସାଳୟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ ଇତ୍ୟାଦି ବିଷୟରେ ଜିଲ୍ଲା ପ୍ରଶାସନ ପାଖରେ ନିଜର ଦାବି ଉପସ୍ଥାପନ କରିବା ସହ ଏହାର ତୁରନ୍ତ ସମାଧାନ ନିମନ୍ତେ ଆଶା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ବାରିପଦା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ପଲ୍ଲବୀ ପ୍ରିୟଦର୍ଶିନୀ କବି ପରିଚାଳନା କରିଥିଲେ ।




## ରାଇରଙ୍ଗପୁରରେ ସ୍ୱତନ୍ତ୍ର ସଡ଼କ ସୁରକ୍ଷା ଅଭିଯାନ

# ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ରାଇରଙ୍ଗପୁର, ୨୭।୩(ସମିସ): ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏହି କ୍ରମରେ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଚିନ୍ମୟୀ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ହୋଇଛି ।

### ୩୦, ୬୭, ୧୬୬ ଟଙ୍କା ଜରିମାନା ଓ ୫ଟି ଗାଡ଼ି ଅଟକ

ଏନଫୋର୍ସମେଣ୍ଟ ସହ ସଡ଼କ ସୁରକ୍ଷାକୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଏବଂ ଅଭିଯାନକୁ ଫଳପ୍ରଦ କରିବା ଦିଗରେ ରାଇରଙ୍ଗପୁର ପରିବହନ ବିଭାଗ, ପ୍ରଶାସନ ଓ ଉପଖଣ୍ଡ ପୁଲିସ ବିଭାଗ ଦ୍ୱାରା ଟିମ୍ ଗଠନ କରାଯାଇ ଉପଯୁକ୍ତ ପ୍ରବର୍ତ୍ତନ ପାଇଁ ଉଦ୍ୟମ କରାଯାଉଛି । ଏହି ଅଭିଯାନ ସମୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ସହ ଦୁର୍ଘଟଣାର ବିଭିନ୍ନ କାରଣକୁ ରୋକିବା ଉପରେ ବିଶେଷ ଭାବେ ପ୍ରାଧାନ୍ୟ ଦିଆଯାଉଛି । ଯେପରିକି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା, ଦ୍ରୁତଗତିରେ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା, ବିନା ହେଲମେଟରେ ଦୁଇ ଚକିଆ ଗାଡି ଚାଳନା, ବିନା ସିଟବେଲ୍ଟରେ ଚାରିଚକିଆ ଯାନ ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ଭୁଲ ଦିଗରେ ଗାଡି ଚଳାଇବା, ଅବୈଧ ପାର୍କିଂ କରିବା ଓ ଓଭରଲୋଡିଂ ଭଳି ଟ୍ରାଫିକ ନିୟମର ଉଲ୍ଲଂଘନ କରୁଥିବା ମୋଟର ଯାନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।



ରାଜ୍ୟ ରାଜପଥ, ରାଜପଥକୁ ସଂଯୋଗ କରୁଥିବା ସ୍ଥାନ, ଖଣି ଓ ଶିଳ୍ପାଞ୍ଚଳ, ସହର ଓ ଗାଁର ମୁଖ୍ୟ ରାସ୍ତା, ପ୍ରମୁଖ ଛକ, ବଜାର ଅଞ୍ଚଳ, ବସ ଷ୍ଟାଣ୍ଡ ଭଳି ଜନ ଗହଳି ଅଞ୍ଚଳ ସହ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପ୍ରବର୍ତ୍ତନକୁ ଅଧିକ କରାଯାଉଛି । ଏହା ସହିତ ଖଣି ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିପ୍ପର, ଡମ୍ଫର, ହାଇୱା ଓ ଅନ୍ୟାନ୍ୟ ଭାରୀଯାନର ଡ୍ରାଇଭିଂ ଲାଇସେନ୍ସ, ଓଭରଲୋଡିଂ ଓ ଅନ୍ୟାନ୍ୟ ଆଇନଗତ ନିୟମର ଅନୁପାଳନ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ଏହି ଅଭିଯାନ ପରିପ୍ରେକ୍ଷୀରେ ରାଇରଙ୍ଗପୁର ଆଇଟିଆଇ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଟ୍ରାଫିକ ନିୟମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ନିୟମ ଉଲ୍ଲଙ୍ଘନଜନିତ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ସଡ଼କ ସୁରକ୍ଷା ସମ୍ପର୍କିତ ଏହି ସ୍ୱତନ୍ତ୍ର ଅଭିଯାନ କ୍ରମରେ ଅଦ୍ୟାବଧି ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଇ-ଚାଲାଣ ଜରିଆରେ ୩୦, ୬୭, ୧୬୬ ଟଙ୍କାର ଜରିମାନା କରାଯାଇଛି । ଏଥିସହିତ ୫ଟି ଗାଡିକୁ ଅଟକ ରଖାଯାଇଛି ବୋଲି ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଶ୍ରୀମତୀ ମହାନ୍ତ ସୂଚନା ଦେଇଛନ୍ତି ।



